## ଜେଲ୍ ଫେରନ୍ତାଙ୍କୁ ବିଚ୍ ରାସ୍ତାରେ ହାଣିବା ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ଏନକାଉଣ୍ଟର୍





■ ଜୁଆଖେଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ରହିଥିଲା ଶତ୍ରୁତା
■ ହସ୍ପିଟାଲରେ ଆହତ ମଙ୍ଗଳାଙ୍କ ବୟାନ ରେକର୍ଡ
■ ବିଭିନ୍ନ ଥାନାଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ

ବ୍ରହ୍ମପୁର, ୨୫।୫(ସମିସ): ଅମ୍ବିକାନଗର ଛକରେ ଜେଲ୍‌ଫେରନ୍ତା ଦୁର୍ଦ୍ଦାନ୍ତ ମଙ୍ଗଳା ବେହେରାକୁ ରବିବାର ରାତିରେ ବିଚ୍ ରାସ୍ତାରେ କଟୁରିରେ ହାଣିବା ଘଟଣାରେ ଆଜି ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ୍ ଜଗାକୁ ଏନ୍‌କାଉଣ୍ଟର୍ କରି ଧରିଛି। ପୁଲିସ ଗୁଳିରେ ଜଗାର ଦୁଇ ଗୋଡ଼ ଜଖମ ହୋଇଛି। ତାକୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଜଗାର ବଡ଼ଭାଇ ବଳିଆ ସାହୁ ଫେରାର୍ ରହିଛି। ତାକୁ ଗିରଫ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଆହତ ଜଗା ନାମରେ ପୂର୍ବରୁ ୩ଟି ସଙ୍ଗିନ ମାମଲା ରହିଥିବା ବେଳେ ବଳିଆ ନାମରେ ୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଜୁଆ ଖେଳକୁ ନେଇ ରହିଥିବା ଗୋଷ୍ଠୀଶତ୍ରୁତାରୁ ଏହି ଆପରାଧିକ ଘଟଣା ଘଟିଥିବା କୁହାଯାଉଛି। ଅପରପକ୍ଷେ, ଏମ୍‌କେସିଜିରେ ଚିକିତ୍ସିତ ମଙ୍ଗଳାର ଆଜି ପୁଲିସ ବୟାନ ରେକର୍ଡ କରିଛି। ସେହିପରି ଅପରାଧୀମାନଙ୍କ ମଧ୍ୟରେ ଭୟ ସଂଚାର କରିବାକୁ ବ୍ରହ୍ମପୁର ପୁଲିସ ଆଜି ବିଭିନ୍ନ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛି।

ସୂଚନାନୁଯାୟୀ, କିଛି ଦିନ ହେବ, ଗଞ୍ଜାମ ଜିଲ୍ଲା ଅଶାନ୍ତ ହୋଇପଡ଼ିଛି। କଥାକଥାକେ ଅପରାଧୀମାନେ ସର୍ବସାଧାରଣରେ ଖଣ୍ଡା, କାତି, ହକି ଷ୍ଟିକ ଓ ଷ୍ଟିଲ ରଡ୍ ବୁଲାଉଛନ୍ତି। ମାଉଜର୍‌ରୁ ବି ଗୁଳି ବର୍ଷାଉଛନ୍ତି। ଅପରାଧୀଙ୍କୁ ସାବାଡ୍ କରିବାକୁ ପୁଲିସ ଏନକାଉଣ୍ଟର୍ ଭଳି କଠୋର ପଦକ୍ଷେପ ନେଉଛି। ଏହା ସତ୍ତ୍ୱେ ସହରରେ ଅପରାଧିକ କାର୍ଯ୍ୟକଳାପ ଥମୁନାହିଁ। ଗତ କିଛି ମାସର ଘଟଣାକୁ ଦେଖିଲେ, ଅପରାଧୀମାନେ ପୁଲିସକୁ ଖାତିର କରୁନଥିବା ଭଳି ମନେ ହେଉଛି।

ସୂଚନାନୁଯାୟୀ, ରବିବାର ରାତିରେ ମଙ୍ଗଳା ଅମ୍ବିକାନଗର ଦେଇ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ବଳିଆ ଓ ଜଗା ତାଙ୍କୁ ଏକ ଖଣ୍ଡାରେ ଅତି ନିର୍ମମ ଭାବେ ହାଣିଥିଲେ। ସର୍ବସାଧାରଣରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ଆପରାଧିକ ଘଟଣା ଘଟିଥିଲେ ହେଁ କେହି ପ୍ରତିବାଦ କରିବାକୁ କେହି ସାହସ ଜୁଟାଇ ପାରିନଥିଲେ। ପରେ ଜଗା ଓ ବଳିଆ ଘଟଣାସ୍ଥଳ ଛାଡ଼ି ଚାଲିଯିବା ପରେ ସ୍ଥାନୀୟ ଲୋକେ ମଙ୍ଗଳାକୁ ଗୁରୁତର ଅବସ୍ଥାରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ।

ମଙ୍ଗଳାଙ୍କ ଉପରେ ହୋଇଥିବା ଆକ୍ରମଣର ୪ ଘଣ୍ଟା ମଧ୍ୟରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ୍ ଜଗାକୁ ଏନକାଉଣ୍ଟର୍ କରିଥିଲା। ଜଗନ୍ନାଥ ବ୍ରହ୍ମପୁର ଉପକଣ୍ଠ ବାଉରୀ ସୁକୁଣ୍ଡାଠାରେ ଥିବା ସୂଚନା ପାଇ ତାକୁ ଧରିବାକୁ ଯାଇଥିବା ବେଳେ ଜଗା ପୁଲିସ ଉପରକୁ ବୋମାମାଡ଼ କରି ଖସି ପଳାଇବାକୁ ଉଦ୍ୟମ କରିଥିଲା। ଏହି ସମୟରେ ଆତ୍ମରକ୍ଷା କରିବାକୁ ଯାଇ ପୁଲିସର ପାଲଟା ଗୁଳି ଚଳାଇଥିଲା। ଏଥିରେ ଜଗାର ଦୁଇଗୋଡ଼ରେ ଗୁଳି ବାଜିଥିଲା। ବର୍ତ୍ତମାନ ବଳିଆ ଫେରାର୍ ଥିବା ବେଳେ ତାକୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଏସପି।

ଏସପିଙ୍କ ସୂଚନାନୁଯାୟୀ, ଜୁଆ ଖେଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ଶତ୍ରୁତା ଦିନକୁ ଦିନ ଉଗ୍ରରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ଜଗା ଓ ବଳିଆ ରବିବାର ମଙ୍ଗଳା ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ।

ସେପଟେ ଅପରାଧୀମାନଙ୍କ ମଧ୍ୟରେ ଭୟ ସଂଚାର କରିବା ପାଇଁ ପୁଲିସ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ବିଶେଷକରି ଟାଉନ ଓ ବଡବଜାର ଅଞ୍ଚଳରେ ଆଇଜି ନିତିଶେଖର ଏବଂ ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କ ନେତୃତ୍ୱରେ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ପ୍ରାୟ ୪ ପ୍ଲାଟୁନ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

## ଦ୍ୱିତୀୟବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କଲେ



ଭୁବନେଶ୍ୱର, ୨୫।୫(ସମିସ): ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଭିତ୍ତିଭୂମିର ବିକାଶ, ପୁଞ୍ଜିନିବେଶ ସୁଯୋଗର ସମ୍ପ୍ରସାରଣ ଏବଂ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଗକୁ ନେବା ସମ୍ପର୍କରେ ଆମ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଏହାସହ ଓଡ଼ିଶାବାସୀଙ୍କ ସେବାରେ ଆମ ସରକାରଙ୍କ ଦ୍ୱିତୀୟବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସାଦର ଆମନ୍ତ୍ରଣ ଜଣାଇଲି। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ନିମନ୍ତେ ଆନ୍ତରିକ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଶିକ୍ଷାବିତ୍ ଡ. ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ



ନୂଆପଡ଼ା,୨୫।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଶିକ୍ଷାବିତ ଡ. ମହେନ୍ଦ୍ର ମିଶ୍ର ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦିମୁର୍ମୁଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡ. ମିଶ୍ର ୪ ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତ ପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ ତଥା ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି। ୧୯୫୨ ଏପ୍ରିଲ ୧ ତାରିଖରେ ତତ୍କାଳୀନ କଳାହାଣ୍ଡି ତଥା ଏବର ନୂଆପଡା ଜିଲ୍ଲାରେ ଜନ୍ମିତ ଡ. ମିଶ୍ର ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ସେ ଜନଜାତି ବହୁ ଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ।

## ■ ଜମିବାଡ଼ି ବିବାଦର କରୁଣ ପରିଣତି

# ଦାଦାଙ୍କୁ ପଥରରେ ଛେଚି ହତ୍ୟା

କେନ୍ଦ୍ରାପଡ଼ା, ୨୫।୫ (ସମିସ): କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ସାନ୍ତସାହି ଅଞ୍ଚଳରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦାଦାକୁ ପଥରରେ ଛେଚି ହତ୍ୟା। ମୃତକ ହେଲେ, ବାବୁଲା ବାରିକ। ତାଙ୍କୁ ତାଙ୍କ ପୁତୁରାମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୋମବାର ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖିଛି।



ପୁଲିସ ସୂଚନା ମୁତାବକ, ବାବୁଲା ବାରିକ ଓ ତାଙ୍କ ବଡ଼ଭାଇ ସ୍ୱର୍ଗତ ବାବୁ ବାରିକଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡିକୁ ନେଇ ବିବାଦ ଲାଗି ରହିଥିଲା। ଦୁଇ ମାସ ପୂର୍ବରୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣା ଥାନାକୁ ଯାଇଥିଲେ ମଧ୍ୟ ଏହା ଉପରେ ପୁଲିସ ପକ୍ଷରୁ ସେପରି କୌଣସି ପଦକ୍ଷେପ ନ ନିଆଯାଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ବାବୁଲା ଘରକୁ ଫେରିବା ପରେ ପୁଣିଥରେ ଜମିବାଡିକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ପୁତୁରା ହିମାଂଶୁ ବାବୁଲାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବା ପରେ ପଥରରେ ଛେଚି ଦେଇଥିବା କୁହାଯାଉଛି। ଏହି ଘଟଣାରେ ତାଙ୍କର ଅନ୍ୟ ଦୁଇଭାଇ ପୂର୍ଣ୍ଣ ଓ ରବି ସହଯୋଗ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବାବୁଲାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସାନ୍ତସାହି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏସପିଙ୍କ ସହ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ଟାଉନ୍ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ସାଇଣ୍ଟିଫିକ ଟିମ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଥିବା ବେଳେ ହତ୍ୟାରେ ବ୍ୟବହୃତ ହୋଇଥିବା ପଥରକୁ ଜବତ କରାଯାଇଛି। ଖୁବଶୀଘ୍ର ହତ୍ୟାକାରୀ ଓ ସହଯୋଗୀଙ୍କୁ ଗିରଫ କରାଯିବ ବୋଲି ଟାଉନ୍ ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ଆମ ବସ୍ ଡ୍ରାଇଭରର ଜଘନ୍ୟ କାଣ୍ଡ

# କଲେଜ ଛାତ୍ରୀଙ୍କୁ ହୋଟେଲରେ ଦୁଷ୍କର୍ମ

ଭୁବନେଶ୍ୱର୨୫।୫ (ସମିସ): ରାଜଧାନୀରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। 'ଆମ ବସ୍'ରେ ଯାଉଥିବା କଲେଜ ଛାତ୍ରୀଙ୍କୁ ହୋଟେଲକୁ ଡାକି ଦୁଷ୍କର୍ମ କରିଛି ଡ୍ରାଇଭର। ନନ୍ଦନବିହାର ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି କାଣ୍ଡ ଭିଆଇଥିବା ଅଭିଯୁକ୍ତ ଆମ ବସ୍ ଡ୍ରାଇଭରକୁ ଇନ୍‌ଫୋସିଟି ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି, ଯାଜପୁର ଜିଲ୍ଲା କାଳିଆପାଣି ଥାନା ଖୁଣ୍ଟପୋଷି ଗାଁର ସିଙ୍ଗରାଇ ସୋରେନ୍ ଓରଫ୍ ବାପି (୩୫)। ଏଭଳି ଘଟଣା ପରେ ଆମ ବସ୍‌ରେ ଯାଉଥିବା ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ପୁଲିସ ସୂଚନାନୁସାରେ, ଢୁମୁଢୁମା ଅଞ୍ଚଳର ଜଣେ ଛାତ୍ରୀ ରାଜଧାନୀର ଏକ ସରକାରୀ କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ଗତ ମାସରେ ଛାତ୍ରୀଜଣଙ୍କ ଆମ ବସ୍‌ରେ ଯାଉଥିବା ବେଳେ ତାଙ୍କର ଜଣେ ସାଙ୍ଗ ଭିଡିଓ କଲ୍ କରିଥିଲା। କେତେ ନଂ ରୁଟ୍ ବସରେ ଯାଉଛୁ ବୋଲି ପଚାରିବା ସହ ସଂପୃକ୍ତ ଗାଡ଼ି ଡ୍ରାଇଭରକୁ ଦେଖାଇବା ପାଇଁ କହିଥିଲେ। ଛାତ୍ରୀଙ୍କ ସାଙ୍ଗ ଭିଡିଓ କଲରେ ଡ୍ରାଇଭରକୁ ଦେଖାଇବାକୁ କହିବା ପରେ ସଂପୃକ୍ତ ଡ୍ରାଇଭର (ବାପି)କୁ ନିଜର ଭାଇ ବୋଲି ପରିଚୟ ଦେଇଥିଲେ। ସାଙ୍ଗଜଣଙ୍କ ଏମିତିକି ଛାତ୍ରୀଙ୍କ ଫୋନରୁ ବାପି ସହ କଥାବାର୍ତ୍ତା ହୋଇଥିଲେ। ପରଦିନଛାତ୍ରୀଜଣକସେହିବସରେଯାତ୍ରାକରୁଥିବା ବେଳେ ବାପି ତାଙ୍କୁ ମୋବାଇଲ ନମ୍ବର ମାଗିଥିଲା। ଆରମ୍ଭରୁ ଛାତ୍ରୀ ମନା କରିଥିଲେ ମଧ୍ୟ ବାରମ୍ବାର ମାଗିବାରୁ ଫୋନ୍ ନମ୍ବର ଦେଇଥିଲେ। ନମ୍ବର ପାଇବା ପରେ ବାପି ବାରମ୍ବାର ଫୋନ୍ କରିଥିଲା, ହେଲେ ଛାତ୍ରୀ ଉଠାଇନଥିଲେ। ସେପଟେ ଛାତ୍ରୀଙ୍କ ସାଙ୍ଗ ବାପିକୁ କନ୍ଫରେନ୍ସ କଲରେ ରଖି ଛାତ୍ରୀଙ୍କ ସହ କଥାବାର୍ତ୍ତା ହୋଇଥିଲା। ପରବର୍ତ୍ତୀ ସମୟରେ ବାପି ହ୍ୱାଟସ୍-ଆପ୍‌ରେ ମେସେଜ୍ କରିବାରୁ ଛାତ୍ରୀଜଣଙ୍କ ରିପ୍ଲାଇ ଦେବା ସହ କଥାବାର୍ତ୍ତା ହୋଇଥିଲେ।

■ ସାମାଜିକ ଗଣମାଧ୍ୟମରେ ଫଟୋ ଭାଇରାଲ
■ ଅଭିଯୁକ୍ତକୁ ପିଟି ପୁଲିସରେ ଦେଲେ ପୀଡ଼ିତାଙ୍କ ଭାଇ

ଗତ ୧୮ ତାରିଖ ଦିନ ବାପି ଫୋନ୍ କରି ଛାତ୍ରୀଙ୍କୁ ହୋଟେଲକୁ ଡାକିଥିଲା। ନ ଆସିଲେ ହ୍ୱାଟ୍ସଆପ୍ ଚାଟ୍ ଓ ଭିଡିଓ କଲର ସ୍କ୍ରିନସଟ୍ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏହାର ପରଦିନ ଅର୍ଥାତ୍ ୧୯ ତାରିଖରେ ବାପି କହିବା ମୁତାବକ ଛାତ୍ରୀଜଣକ ନୀଳାଦ୍ରିବିହାର ବସ୍‌ଷ୍ଟାଣ୍ଡ ନିକଟକୁ ଯାଇଥିଲେ। ସେଠାରୁ ବାପି ତାଙ୍କୁ ବାଇକ୍ ଯୋଗେ ପଟିଆ ଅଞ୍ଚଳକୁ ନେଇ ଯାଇଥିଲା। ଯିବା ସମୟରେ ଛାତ୍ରୀ ଜଣକ ବାପିର ମୋବାଇଲ ମାଗିଆଣି ଫଟୋ ଓ ଚାଟ୍ ଗୁଡ଼ିକ ଡିଲିଟ କରି ଦେଇଥିଲେ। ପଟିଆ ଅଞ୍ଚଳରେ ଥିବା ବୈଷ୍ଣବୀ ହୋଟେଲକୁ ନେଇଯାଇଥିଲା। ସେଠାରେ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ ଜଣାଇଲେ ଫଟୋ ଭାଇରାଲ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ପରେ ବାପି ବିବାହିତ ଓ ତାର ଝିଅ ଅଛି ବୋଲି ଛାତ୍ରୀଜଣକ ଜାଣିବା ପରେ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଥିଲେ। ୨୩ ତାରିଖ ଦିନ ବାପି ପୁଣିଥରେ ଫୋନ୍ କରି ହୋଟେଲକୁ ଡାକିବାରୁ ପୀଡ଼ିତା ଫୋନ୍ ବନ୍ଦ କରି ଦେଇଥିଲେ। ଏହାପରେ ବାପି ତାଙ୍କ ଫଟୋଗୁଡ଼ିକ ଇନଷ୍ଟାଗ୍ରାମରେ ଭାଇରାଲ କରିଦେଇଥିଲା। ଏହାପରେ ପୀଡ଼ିତା ଓ ତାଙ୍କ ଭାଇ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟକୁ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ଭାଇ ବାପିକୁ ମାଡ଼ ମାରିଥିଲେ। ପୀଡ଼ିତା ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେବାପରେ ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରିଥିଲା। ଦୁଷ୍କର୍ମ ଘଟଣାଟି ପଟିଆରେ ହୋଇଥିବାରୁ ଇନଫୋସିଟି ଥାନାକୁ ପଠାଇଦେଇଥିଲା। ଇନ୍‌ଫୋସିଟି ଥାନା ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ପରେ ବାପିକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଛି।

# ସିଟି ନାମଲେଖା ପାଇଁ ୨୭ରୁ ଆବେଦନ

ଭୁବନେଶ୍ୱର, ୨୫।୫ (ସମିସ): ସିଟି ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୭ ତାରିଖଠାରୁ ଆବେଦନ ଆରମ୍ଭ ହେବ। ଆଶାୟୀ ଛାତ୍ରଛାତ୍ରୀ ଜୁନ୍ ୧୮ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଆବେଦନ କରିପାରିବେ। ସାମସ୍ ୱେବସାଇଟ୍ ସହ ଏସ୍‌ସିଇଆରଟି ୱେବସାଇଟ୍‌ରେ ଆବେଦନ ହେବ। ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ ୧୯ ଓ ୨୦ ତାରିଖରେ ସଂଶୋଧନ କରିପାରିବେ। ଆବେଦନ ସମୟରେ କୌଣସି ବୈଷୟିକ ସହାୟତା ପାଇଁ ୧୮୦୦୩୪୫୬୭୭୦ ଟୋଲ-ଫ୍ରି' ନମ୍ବରରେ ଯୋଗଯୋଗ କରିପାରିବେ। ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ଯୋଗାଇ ଦିଆଯିବ। ଏନେଇ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପୁରୀରେ ହେବ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ ସମ୍ମିଳନୀ

ଭୁବନେଶ୍ୱର, ୨୫।୫(ସମିସ): ଭାରତର 'ବ୍ରିକ୍ସ' ଅଧ୍ୟକ୍ଷତା ଅଧୀନରେ ଆୟୋଜିତ ହେବାକୁ ଥିବା 'ଡିଜାଷ୍ଟର୍ ରିସ୍କ ରିଡକ୍ସନ୍ ୱାର୍କିଂ ଗ୍ରୁପ୍'ର ବୈଷୟିକ ସମ୍ମିଳନୀ ଆସନ୍ତା ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀରେ ଅନୁଷ୍ଠିତ ହେବ। ତାଜ୍ ପୁରୀ ରିସୋର୍ଟଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ 'ବ୍ରିକ୍ସ' ଦେଶଗୁଡ଼ିକର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଉଲ୍ଲେଖଯୋଗ୍ୟ, ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ, ସାଉଦି ଆରବ, ଦକ୍ଷିଣ-ଆଫ୍ରିକା, ୟୁଏଇ ଏବଂ ଚାଇନା ଆଦି ଦେଶର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେବେ। ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ଚୟନ କରାଯାଇଥିବା ପ୍ରଚ୍ଛଦରେ ରହିଛି ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ, ସଫଳ ଏବଂ ସୁଦୃଢ଼ ପଦକ୍ଷେପ। ବିଶେଷକରି ବାତ୍ୟା ପରିଚାଳନା, ଗୋଷ୍ଠୀଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡ଼ିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି। ଏହି ସମ୍ମିଳନୀ ମାଧ୍ୟମରେ 'ବ୍ରିକ୍ସ' ଦେଶମାନଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଜ୍ଞାନ-ବିନିମୟ, ନୂତନ ପ୍ରଯୁକ୍ତି ଓ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହେବା ସହିତ ପାରସ୍ପରିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

# ଆମ୍ବୁଲାନ୍ସ ଚାଳକଙ୍କ କାନ୍ଧରୁ କଟିଗଲା ହାତ

ଜଗତସିଂହପୁର, ୨୫।୫ (ସମିସ): ଜଗତସିଂହପୁର-କଟକ ରାସ୍ତାର ତରିକୁନ୍ଦ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଏଥିରେ ଡ୍ରାଇଭରଙ୍କ ବାମ ହାତ ସମ୍ପୂର୍ଣ୍ଣ କଟିଯାଇଛି। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କଟକ ବଡ଼ ମେଡ଼ିକାଲ ନିଆଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଅନ୍ୟ ଦୁଇଟି ଘରୋଇ ଚିକିତ୍ସାଳୟ ନିଆଯାଇଥିଲେ ମଧ୍ୟ ସେମାନେ ଫେରାଇ ଦେଇଥିଲେ। ଶେଷରେ ଭୁବନେଶ୍ୱରର ଆଉ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଉଥିବା ଜଣେ ଆମ୍ବୁଲାନ୍ସ କର୍ମଚାରୀ ସୂଚନା ଦେଇଛନ୍ତି। ରବିବାର ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହୁଥିବା ଉକ୍ତ ଆମ୍ବୁଲାନ୍ସ କଟକରେ ରୋଗୀକୁ ଛାଡ଼ି ଫେରୁଥିବା ବେଳେ ତରିକୁନ୍ଦ ନିକଟରେ ଅନ୍ୟ ଗାଡ଼ି ସହ ଧକ୍କା ହୋଇଥିଲା। ଏଥିରେ ଆମ୍ବୁଲାନ୍ସ ଡ୍ରାଇଭର ମାନସ ସାହୁଙ୍କ ହାତ କଟି ଯାଇଥିଲା।

## ■ ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ

# ପୁରୁଣା ମୂଲ୍ୟ ଉପରେ ୧୦ ପ୍ରତିଶତ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୫।୫(ସମିସ): ଜମିର ବେଞ୍ଚମାର୍କ ମୂଲ୍ୟାୟନ ବୃଦ୍ଧି ପ୍ରକ୍ରିୟାରେ ସରକାରୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ କୋର୍ଟଙ୍କ ଦ୍ୱାରା ରଦ୍ଦ ହୋଇସାରିଥିବା ଏକ ବେଆଇନ ବେଞ୍ଚମାର୍କ ମୂଲ୍ୟବୃଦ୍ଧିକୁ ଆଧାର କରି ଗଞ୍ଜାମ ଜିଲ୍ଲା ପ୍ରଶାସନ ପୁନର୍ବାର ଜମିର ବେଞ୍ଚମାର୍କ ମୂଲ୍ୟ ୧୦ ପ୍ରତିଶତ ବଢ଼ାଇବା ନିଷ୍ପତ୍ତିକୁ ହାଇକୋର୍ଟ ସମ୍ପୂର୍ଣ୍ଣ ଅବୈଧ ଘୋଷଣା କରିଛନ୍ତି। ବିନୋଦ ଚନ୍ଦ୍ର ପାଢ଼ୀଙ୍କ ତରଫରୁ ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ବେଆଇନ ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ ଆଦେଶକୁ ହାଇକୋର୍ଟ ସଂପୂର୍ଣ୍ଣ ରଦ୍ଦ କରିଦେଇଛନ୍ତି। ଏହାସହ ପୂର୍ବରୁ ସ୍ଥିର ଥିବା ଏକର ପ୍ରତି ୭୨,୬୦,୦୦୦ ଟଙ୍କାର ମୂଲ୍ୟ ଉପରେ ଓଡ଼ିଶା ଷ୍ଟାମ୍ପ ରୁଲ୍ସର ନିୟମ ୪୦(୨) ଅନୁଯାୟୀ କେବଳ ୧୦% ବୃଦ୍ଧି କରି ଦୁଇ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱର୍ଗଦ୍ୱାରରେ ଶୋଷଣ

# ଝୁଣା ନାଁରେ ବିକୁଛନ୍ତି କାଠଗୁଣ୍ଡ!

ପୁରୀ,୨୫।୫(ସମିସ): ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି, ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷପ୍ରାପ୍ତି ହୁଏ। ଏହି ବିଶ୍ୱାସ ଓ ଭକ୍ତି ନେଇ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲୋକେ ନିଜ ପ୍ରିୟଜନଙ୍କ ମୃତଦେହ ଧରି ଏଠାକୁ ଧାଇଁ ଆସନ୍ତି। କିନ୍ତୁ ଶୋକରେ ଭାଙ୍ଗିପଡ଼ିଥିବା ପରିବାର ଏଠାରେ ମଧ୍ୟ ଶୋଷଣର ଶିକାର ହେଉଥିବା ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି।

ଅଭିଯୋଗ ଅନୁଯାୟୀ, ଶେଷକୃତ୍ୟ ପାଇଁ ଆବଶ୍ୟକ ଝୁଣା ନାଁରେ କାଠଗୁଣ୍ଡ ବିକ୍ରି କରାଯାଉଛି। ସ୍ୱର୍ଗଦ୍ୱାରକୁ ଆସୁଥିବା ମୃତଦେହ ମଧ୍ୟରୁ ଅନେକ ସମୟରେ କେତେକ ମରଶରୀର ଠିକ୍ ଭାବେ ଜଳି ନ ଥାଏ। ଡାକ୍ତରଖାନାରେ ଚିକିତ୍ସାଧୀନ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ପରେ ଯଦି ତାଙ୍କୁ ଅଣାଯାଇଥାଏ ତାଙ୍କ ଶରୀରରୁ ଅଧିକ ପାଣି ବାହାରେ। ସାଲାଇନ୍ ଲାଗିଥିଲେ ପାଣି ବାହାରିଥାଏ। ଏମିତି ବି କେତେଜଣଙ୍କ ଶରୀରରୁ ଅଧିକ ପାଣି ବାହାରେ, ଯେଉଁଥିପାଇଁ କାଠ ଜଳି ନ ଥାଏ। ତେଣୁ ସଂସ୍କାର ସେବକ ତାଙ୍କ ସମ୍ପର୍କୀୟଙ୍କୁ ଝୁଣା ଆଣିବା ପାଇଁ କହିଥା'ନ୍ତି। ଯେହେତୁ ସ୍ୱର୍ଗଦ୍ୱାର ପରିସରରେ ଓର୍‌ମାସ ପକ୍ଷରୁ ବିଭିନ୍ନ ପ୍ରକାର ପଥଶ୍ରାଦ୍ଧ ସାମଗ୍ରୀ ଉପଲବ୍ଧ, ତେଣୁ ସମସ୍ତେ ପ୍ରଥମେ ପରିସରରୁ ହିଁ କିଣିଥା'ନ୍ତି। ଝୁଣା ମାଗିବା ପରେ ସେମାନଙ୍କ ହାତକୁ ଏକ ପ୍ୟାକେଟ୍ ବଢ଼ାଇ ଦିଆଯାଉଛି, ଯେଉଁଥିରେ ସ୍ୱର୍ଗଧାମ ଅନ୍ତିମ ସଂସ୍କାର ସାମଗ୍ରୀ ଲେଖାଯାଇଛି। ଏହାକୁ କିଏ ତିଆରି କରିଛି, କେଉଁ କେଉଁ ସାମଗ୍ରୀ ମିଶି ଏହା ପ୍ରସ୍ତୁତ କରାଯାଇଛି ଏଭଳି ନାଁ, ଠିକଣା କିଛି ନାହିଁ। ୩୫୦ ଗ୍ରାମ୍‌ର ଦାମ୍ ରହିଛି ୧୫୦ ଟଙ୍କା। ସମ୍ପର୍କୀୟଙ୍କୁ ହରାଇ ଦୁଃଖରେ ଥିବା




■ ଶୋକାକୁଳ ପରିବାରଙ୍କ ବିଶ୍ୱାସ ସହ ପ୍ରତାରଣା
■ ପ୍ୟାକେଟ୍‌ରେ ନାହିଁ ପ୍ରସ୍ତୁତକାରୀଙ୍କ ଠିକଣା କି ଉପାଦାନର ନାଁ

କୌଣସି ଲୋକେ ମୂଲଚାଲ କିମ୍ବା ପ୍ୟାକେଟ୍‌ରେ କ'ଣ ଲେଖାଯାଇଛି, କିଛି ପଢ଼ନ୍ତି ନାହିଁ। ସେମାନେ ମୂଲ୍ୟ ଦେଇ ପ୍ୟାକେଟ୍ କିଣି ସଂସ୍କାର ସେବକଙ୍କ ହାତକୁ ବଢ଼ାଇ ଦିଅନ୍ତି। ତେବେ ଜଣେ ବ୍ୟକ୍ତି ସେହି ପ୍ୟାକେଟ୍‌କୁ ଖୋଲିବା ପରେ ଧୋକ୍କା ଖାଇଥିଲେ। ଝୁଣା ବଦଳରେ କାଠର ଗୁଣ୍ଡ ଓ କିଛି ଶୁଖିଲା ପତ୍ର ମିଶା ସାମଗ୍ରୀ ତା' ଭିତରେ ଥିବା ଦେଖିବାକୁ ପାଇଥିଲେ। ସ୍ୱର୍ଗଦ୍ୱାର ଭଳି ସ୍ଥାନରେ ପଇସା ପାଇଁ ଲୋକେ ଏତେ ତଳକୁ ଖସିଗଲେଣି ବୋଲି ସେ ପ୍ରଶ୍ନ କରିଛନ୍ତି?

କେବଳ ସମ୍ପୃକ୍ତ ବ୍ୟକ୍ତି ନୁହନ୍ତି, ଅନ୍ୟମାନେ ବି ଅଭିଯୋଗ ରଖିଛନ୍ତି। ସମ୍ପର୍କୀୟଙ୍କୁ ହରାଇବା ଦୁଃଖ ଗୋଟେ ପଟେ, ଆଉ ଗୋଟେ ପଟେ ଅଧିକ ଦାମ୍ ଦେଇ ନକଲି ସାମଗ୍ରୀକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଝୁଣା ପୋଡ଼ିଲେ ସୁଗନ୍ଧ ବାହାରେ, କିନ୍ତୁ ଏହା ପୋଡ଼ିଲା ବେଳେ କେବଳ ଧୂଆଁ ବାହାରିଲା। ଆମ ଭାବାବେଗ ସହ ଖେଳାଯାଉଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ସ୍ୱର୍ଗଦ୍ୱାର କେବଳ ଏକ ଶ୍ମଶାନ ନୁହେଁ, ଏହା କୋଟି କୋଟି ହିନ୍ଦୁଙ୍କ ବିଶ୍ୱାସର କେନ୍ଦ୍ର। ଏଠାରେ ଶୋଷଣ ଅର୍ଥ ହେଉଛି ସେହି ବିଶ୍ୱାସର ମୂଳରେ କୁଠାରାଘାତ।

ତେବେ ଏହି ଅଭିଯୋଗକୁ ସ୍ୱର୍ଗଦ୍ୱାର ପରିସରରେ ସାମଗ୍ରୀ ବିକ୍ରି କରୁଥିବା ଓର୍‌ମାସ ଅଧିକାରୀ ଅସ୍ୱୀକାର କରିଛନ୍ତି। ଓର୍‌ମାସର ଡେପୁଟି ସିଇଓ ନିଗମ ଦାସ କହିଛନ୍ତି, ଆମେ ଝୁଣା ବିକ୍ରି କରୁନାହୁଁ। ଆମେ ଯାହା ବିକୁଛୁ ତାହା ଏକ ସୁଗନ୍ଧିତ ଦ୍ରବ୍ୟ। ଏଥିରେ ଘିଅ, ଗୁଗୁଳ ଆଦି ଦ୍ରବ୍ୟ ମିଶାଯାଉଛି। ଏହା ପାରମ୍ପରିକ ଝୁଣା ନୁହେଁ। ଏହାର ବାସ୍ନା ବହୁତ ଭଲ। ଶେଷକୃତ୍ୟରେ ବ୍ୟବହାର ପାଇଁ ପ୍ରସ୍ତୁତ ଏକ ସାମଗ୍ରୀ। ଗଞ୍ଜାମର ଏକ ଏସ୍‌ଏଚ୍‌ଜି ଏହାକୁ ପ୍ରସ୍ତୁତ କରୁଛନ୍ତି। ଏଥିରେ ଉପାଦାନର ନାମ ଏବଂ ପ୍ରସ୍ତୁତ କରୁଥିବା ଏସ୍‌ଏଚ୍‌ଜିଙ୍କ ଠିକଣା ତାହା ଆଗାମୀ ଦିନରେ ପ୍ୟାକେଟ୍‌ରେ ରହିବ।

# ଶ୍ରୀକ୍ଷେତ୍ର ସିଟି

୨୫/୫/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୪,୩୧୭/- ସୁନା:୦୨.୧୫୦ ଗ୍ରାମ୍ ରୁପା: ୧୧୦.୦୦୦ ଗ୍ରାମ୍







ରଥଖଳାରୁ...

## ପାଞ୍ଚ ଦଣ୍ଡାର ଚଉପଟ ଆରମ୍ଭ



**ପୁରୀ,୨୫।୫(ସମିସ):** ଜୁଲାଇ ୧୬ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ସୋମବାର ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସକାଳେ ଅନୁକୂଳ ପୂଜା ସହ ଆରମ୍ଭ ହୋଇଛି ପାଞ୍ଚ ଦଣ୍ଡାର ଚଉପଟ ନିର୍ମାଣ କାର୍ଯ୍ୟ। ଅନୁକୂଳ ପୂଜା ପରେ ମହାରଣା ସେବକମାନେ ପାଞ୍ଚଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ କରି ୪ଟି ଲେଖାଏଁ ଦଣ୍ଡାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି। ଏହି ପାଞ୍ଚ ଦଣ୍ଡା ସହ ପାଶ୍ୱର୍ଦଣ୍ଡା ନିର୍ମାଣ ପରେ ତିନିରଥର ଚକ ଅଖର ଦିଗ ନିର୍ଣ୍ଣୟ ହେବ। ଚକ ଅଖକୁ ବାନ୍ଧି ରଖôବା ପାଇଁ ଉଠିବ ପାଞ୍ଚ ଦଣ୍ଡା ସହ ପାଶ୍ୱର୍ଦଣ୍ଡା। ଶେଷ ହେବ ରଥ ନିର୍ମାଣର ପ୍ରଥମ ପର୍ଯ୍ୟାୟ। ସେହିପରି ରଥ ଖଳା ପାଶ୍ୱର୍ରେ କରତୀ ସେବକମାନେ ନନ୍ଦିଘୋଷ ରଥ ପୋଲ ଗୟଳ ଚିରଟ କାର୍ଯ୍ୟ ପୂର୍ବରୁ ଦୁଇ ପାଶ୍ୱର୍କୁ ବାରିସୀରେ ହାଣି ସମତଳ ବା ଚିତା କାର୍ଯ୍ୟ କରାଯାଉଛି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜର ରୂପ ଖୋଦେଇ ଶେଷ କରି ୮ଟି ଲେଖାଏଁ ତୀଖ ଗୁଜର ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗରଗରା କଣ୍ଟା ନିର୍ମାଣ ଶେଷ କରି ତିନିରଥର ଗୟଳ କଣ୍ଟା, ନନ୍ଦା କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

ଆସୁଛି ରଥଯାତ୍ରା

# ସ୍ନାନଯାତ୍ରା, ରଥଯାତ୍ରା ନୀତିକାନ୍ତି ନେଇ ଆଲୋଚନା

### ଦଇତାପତି ଓ ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ



**ପୁରୀ,୨୫।୫(ସମିସ):** ଆସନ୍ତା ୩୧ ତାରିଖରେ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ସ୍ନାନଯାତ୍ରା, ରଥଯାତ୍ରା ନୀତି ନିର୍ଘଣ୍ଟ ହେବ। ସେହିପରି ବ୍ୟବସ୍ଥାବଳୀରେ ମଧ ମୋହର ବାଜିବ। ତେଣୁ ଏହି ନୀତିକାନ୍ତି ଏବଂ ବ୍ୟବସ୍ଥାବଳୀ ପ୍ରସ୍ତୁତି ପୂର୍ବରୁ ସେବକଙ୍କ ସହିତ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଇତାପତି ଏବଂ ପୂଜାପଣ୍ଡା ନିଯୋଗ ସହ ଆଲୋଚନା କରାଯାଇଛି। ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧକ୍ଷତା କରିଥିଲେ।

ଆସନ୍ତା ଜୁନ୍ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବାବେଳେ ଏହା ପରଠାରୁ ମହାପ୍ରଭୁଙ୍କର ଅଣସର ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ସହ ରଥଯାତ୍ରା ଶୃଙ୍ଖଳିତ କରିବା ନେଇ ବୈଠକ ବସିଥିଲା। ବୈଠକରେ ଦାଇତପତି ନିଯୋଗ ସଭାପତି, ବଳଭଦ୍ର ଓ ସୁଭଦ୍ରାଙ୍କ ବାଡ଼ଗ୍ରାହୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କର ପହଣ୍ଡି ନୀତି ଶୃଙ୍ଖଳିତ କରିବା ସହ ରଥଯାତ୍ରା, ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ଭଳି ଗୁରୁତ୍ୱପୂର୍ଣ୍ଣ ଦିନମାନଙ୍କରେ ନୀତିକୁ ସୁରୁଖୁରୁରେ କରିବା ନେଇ ସବିଶେଷ ଆଲୋଚନା ହୋଇଥିଲା। ପ୍ରଥମେ ଦାଇତପତିମାନଙ୍କ ସହ ବୈଠକ ପରେ ପୂଜାପଣ୍ଡା ନିଯୋଗ ସହିତ ଶୃଙ୍ଖଳିତ ନୀତିକାନ୍ତି ନେଇ ଆଲୋଚନା କରାଯାଇଥିଲା। ସମସ୍ତ ପ୍ରକାର ସହଯୋଗ ସେମାନଙ୍କ ପକ୍ଷରୁ ଦିଆଯିବ ବୋଲି ସେବାୟତମାନେ ପ୍ରତିଶ୍ରୁତି ଦେଇଥିଲେ। ଗତବର୍ଷ ରଥଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଶୃଙ୍ଖଳା ହୋଇଥିଲା। ଏପରି କି, ଦଳାଚକଟାରେ ଭକ୍ତ ମରିଥିଲେ। ନୀତିକାନ୍ତିକୁ ନେଇ ମଧ ଆଲୋଚନା ହୋଇଥିଲା। ତେଣୁ ଚଳିତ ବର୍ଷ ଯେପରି କୌଣସି ପ୍ରକାର ବିଶୃଙ୍ଖଳା ହେବନାହିଁ ସେଥିଲାଗି ନୀତି ନିର୍ଘଣ୍ଟ ପୂର୍ବରୁ ଦୁଇ ପ୍ରମୁଖ ନିଯୋଗ ସହିତ ଆଲୋଚନା କରାଯାଇଛି। ପହଣ୍ଡି ସମୟରେ ମୋବାଇଲ୍ ବ୍ୟବହାର କଟକଣା ସହ ନିର୍ଦ୍ଦିଷ୍ଟ ସଂଖ୍ୟକ ସେବକଙ୍କୁ ନେଇ ପହଣ୍ଡି କରାଯିବାକୁ ଦଇତାପତିମାନଙ୍କ ସହ ହୋଇଥିବା ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ଶୃଙ୍ଖଳିତ ତ୍ରୁଟିଶୂନ୍ୟ ରଥଯାତ୍ରା କରିବା ନେଇ ଉଭୟ ନିଯୋଗର କର୍ମକର୍ତ୍ତାମାନେ ପ୍ରଶାସକଙ୍କୁ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ସୂଚନା ମିଳିଛି।

ଯୁବକଙ୍କ ବେକ କାଟି ହତ୍ୟା ମାମଲା

# ନରସିଂହପାଟଣା ପୁରୁଷଶୂନ୍ୟ; ୭ ଅଟକ

**ପୁରୀ,୨୫।୫(ସମିସ):** ଏକ ଜଙ୍ଗଲ ଜମିକୁ କେନ୍ଦ୍ରକରି ରବିବାର ସନ୍ଧ୍ୟାରେ ବ୍ରହ୍ମଗିରି ବ୍ଲକ୍ ଜଗନ୍ନାଥପାଟଣା ଗାଁର ଲିପୁ ଜେନାଙ୍କୁ ହତ୍ୟା କରାଯାଇଥିଲା। ବାଲିହରଚଣ୍ଡୀ ମନ୍ଦିର ନିକଟ ଜଗନ୍ନାଥପାଟଣାସ୍ଥିତ କାଜୁ ଜଙ୍ଗଲରେ ନରସିଂହପାଟଣାର କିଛି ବ୍ୟକ୍ତି ଏହି ବୀଭତ୍ସ କାଣ୍ଡ ଘଟାଇଥିଲେ। ବ୍ରହ୍ମଗିରି ଅଞ୍ଚଳରେ ଦିନକୁ ଦିନ ବଢୁଥିବା ଅପରାଧିକ ମାମଲାରେ କିପରି ବ୍ରେକ୍ ଲାଗିବ ସେ ନେଇ ପୁଲିସ ପକ୍ଷରୁ ଏହାକୁ ଅତି ସମ୍ବେଦନଶୀଳ ଘଟଣା ଭାବେ ଗ୍ରହଣ କରାଯାଇଥିଲା। ବରିଷ୍ଠ ପୁଲିସ ଅଧିକାରୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଟଣାସ୍ଥଳରେ ରହି ଏହାର ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ୍ କରି ଚଢ଼ଉ ଜାରି ରଖିଥିବାବେଳେ ନରସିଂହପାଟଣା ଏକପ୍ରକାର ପୁରୁଷଶୂନ୍ୟ ହୋଇଯାଇଛି। ତଥାପି ପୁଲିସ ୭ ଜଣଙ୍କୁ କାବୁ କରି ଥାନାରେ ପଚରାଉଚରା ଚଳାଇଛି। ସେପଟେ ଦୁଇ ଗାଁ ଛକାପଞ୍ଝାରେ ରହିଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ନରସିଂହପାଟଣା ଗ୍ରାମକୁ ସିଲ୍ କରିବା ସହିତ ଗୋଟିଏ ପ୍ଲାଟୁନ୍ ଫୋର୍ସ ମୁତୟନ ରଖିଛି।

ନିକଟସ୍ଥ ଏକ ଜଙ୍ଗଲ ଉପରେ ନରସିଂହପାଟଣା ଲୋକେ ଅବାଧ ଯିବାଆସିବା କରିବା ସହ ବର୍ତ୍ତମାନ ଫଳିଥିବା କାଜୁ ମଧ ତୋଳି ନେଉଥିଲେ। କିନ୍ତୁ ଜଗନ୍ନାଥପାଟଣାର କିଛି ବ୍ୟକ୍ତି ସେହି ଜଙ୍ଗଲକୁ ନିଜ ଅଧୀନକୁ ନେଇଥିଲେ। ପ୍ରାୟ ୪ ବର୍ଷ ହେଲାଣି ଏହି ଘଟଣା ଲାଗି ରହିଥିବାବେଳେ ଉଭୟ ଗାଁ ମଧ୍ୟରେ ବିବାଦ ଲାଗିରହିଛି। ଜଙ୍ଗଲ ଜମିରେ ନିଜର ହକ୍ ଜାହିର୍ କରୁଥିବା ବ୍ୟକ୍ତିଙ୍କର ଜଣେ ସମ୍ପର୍କୀୟ ଏବଂ ଲିପୁ ସାଙ୍ଗ ଥିଲେ। ଉଭୟେ ବୁଲାବୁଲି କରନ୍ତି। ରବିବାର ସନ୍ଧ୍ୟା ସମୟରେ ଦୁଇଜଣଯାକ ଏକ ବାଇକ୍‌ରେ ସେହି ଜଙ୍ଗଲକୁ ଯାଉଥିଲେ। ନରସିଂହପାଟଣା ବ୍ରିଜ୍ ଉପରେ ତାଙ୍କୁ କିଛି ବ୍ୟକ୍ତି ଅଟକାଇ ଅଚାନକ ଆକ୍ରମଣ କରିଥିଲେ। ଗାଡ଼ି ଚଳାଉଥିବା ଯୁବକ ଜଣକ ଆକ୍ରମଣର ଶିକାର ହେବା ପରେ ବାଇକ୍ ଧରି ପଳାଇଥିଲେ। ହେଲେ ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ଲିପୁ। ବ୍ରିଜ୍ ଉପରେ ତାଙ୍କୁ ମାଡ଼ ମାରିବା ପରେ ନିକଟସ୍ଥ ଜଙ୍ଗଲକୁ ନେଇ କୌଣସି ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ବାନ୍ଧିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ସୋମବାର ପୁଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୭ଜଣଙ୍କୁ କାବୁ କରି ପଚରାଉଚରା ଚଳାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ଧରିବା ପାଇଁ ଚଢ଼ଉ ଜାରି ରଖିଥିବାବେଳେ ଗିରଫ ଭୟରେ ନରସିଂହପାଟଣା ଗାଁ ପୁରୁଷଶୂନ୍ୟ ହୋଇପଡ଼ିଛି।

## ଆର୍ତ୍ତତ୍ରାଣ ମାନସିଂହ ଥିଲେ ବିଦଗ୍ଧ ପାଠକଙ୍କ ହୃଦୟର କବି



**ପୁରୀ,୨୫।୫(ସମିସ):** କବି ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଶ୍ରୀଗୁଣ୍ଡିଚା ଭକ୍ତନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଶିବ ସୁନ୍ଦର ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ଉମାକାନ୍ତ ମହାପାତ୍ର, ଲକ୍ଷ୍ମୀଧର ଦାଶ, ଦେବୀ ପ୍ରସନ୍ନ ମିଶ୍ର, ସତ୍ୟ ନାରାୟଣ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, କ୍ରିଷ୍ଣା ମହାପାତ୍ର, ଡ. ସୁଚିତ୍ରା ରଥ, ମଞ୍ଜୁଶ୍ରୀ ମିଶ୍ର, ଚାରୁବାଳା ଦାଶ, କୁମାର ବାଳକୃଷ୍ଣ, ବିପିନ ବିହାରୀ ଦଳାଇ, ବିଚିତ୍ରା ଦାଶ, ସର୍ବାଣୀ ଦାସ, ଡ. ଶଙ୍କର୍ଷଣ ପ୍ରଧାନ, ଚାରୁଲତା ମିଶ୍ର, ସୌମ୍ୟରଞ୍ଜନ ମଲ୍ଲିକ, ନିହାର ରଞ୍ଜନ ମାନସିଂହ, ତୁଷାର ମାନସିଂହ, ମିହିର ରଞ୍ଜନ ମାନସିଂହ, ରୂପଶ୍ରୀ ମାନସିଂହ ପ୍ରମୁଖ ସ୍ମୃତିଚାରଣ କରି କହିଥିଲେ, ଦିବଂଗତ ଶ୍ରୀ ମାନସିଂହ ଥିଲେ ବିଦଗ୍ଧ ପାଠକଙ୍କ ହୃଦୟର କବି। କବିତା, ପ୍ରବନ୍ଧ ଓ ଗୀତିନାଟ୍ୟ ରଚନା ସହିତ ସୌଖିନ ମଞ୍ଚ ନାଟକରେ ଅଭିନୟ ତଥା ନିର୍ଦ୍ଦେଶନାରେ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ ବି କବିତା ଥିଲା ତାଙ୍କର ସ୍ୱରାଜ୍ୟ। ସମସ୍ତଙ୍କୁ ଆପଣେଇ ନେବା ତାଙ୍କ ଜୀବନର ଇସ୍ତାହାର ଥିଲା। ତାଙ୍କ ରଚିତ ପୁସ୍ତକ ମଧ୍ୟରେ 'ମାଟି ମଣିଷର ଗାଥା', 'ଭିନ୍ନ ଏକ ବୃନ୍ଦାବନ', 'ଶବରୀ', 'ଉଦୟାସ୍ତର କବିତା', 'ଭିନ୍ନ ଏକ ଯଞ୍ଜର କାହାଣୀ' ଆଦି ଅନ୍ୟତମ। ଇଂ. ମୀନକେତନ ମିଶ୍ର ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍ମୃତି ପୁସ୍ତିକା 'ଆଞ୍ଜୁଳାଏ ଲୁହ' ଲୋକାର୍ପିତ ହୋଇଥିଲା। ସ୍ମୃତିସଭାରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

■ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ

## ନ୍ୟାୟ ପାଇଁ ଥାନା ଆଗରେ ଯୁବତୀଙ୍କ ଧାରଣା

**ପୁରୀ,୨୫।୫(ସମିସ):** ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରୁନାହିଁ। ଫଳରେ ସେମାନେ ଖୋଲାଖୋଲି ବୁଲିବା ସହ ପୁନଶ୍ଚ ଆକ୍ରମଣର ଶିକାର ହୋଇଥିବା ଯୁବତୀ ଓ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଏ ନେଇ ସୋମବାର ଚନ୍ଦନପୁର ଥାନା ଅନ୍ତର୍ଗତ ଗଙ୍ଗାନାରାୟଣପୁର ପଞ୍ଚାୟତ ଆପିଲା ଗ୍ରାମର ସୁମିତ୍ରା ଦଳାଇ ଥାନା ଆଗରେ ଧାରଣା ଦେଇଛନ୍ତି। ସେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖରେ ତାଙ୍କୁ ଓ ତାଙ୍କ ବାପାଙ୍କୁ ୩ ଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ ପୁଲିସ ଆକ୍ରମଣକାରୀଙ୍କୁ ଗିରଫ କରିନାହିଁ। ବରଂ ସେମାନଙ୍କୁ ଥାନାରୁ ଛାଡ଼ିଦେଇଛି ବୋଲି ଅଭିଯୋଗ କରିଛନ୍ତି ସୁମିତ୍ରା। ଅନ୍ୟପକ୍ଷରେ ତାଙ୍କ ବାପାଙ୍କଠାରୁ ସାଦା କାଗଜରେ ଦସ୍ତଖତ ନେଇ ତାଙ୍କ କେସ୍‌କୁ ଦୁର୍ବଳ କରିଦିଆଯାଉଛି ବୋଲି ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଥାନାରୁ କେସ୍ ଉଠାଇଦେବା ପାଇଁ ତାଙ୍କ ଉପରେ ଚାପ ପକାଉଛନ୍ତି। ଯଦି ଥାନାରୁ କେସ୍ ନ ଉଠାନ୍ତି ତେବେ ହତ୍ୟା କରିବେ ବୋଲି ଧମକ ଦେଉଥିବା ସେ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀଙ୍କୁ ପଚାରିବାରେ ମାରପିଟ୍ ନେଇ ପୂର୍ବରୁ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ତଦନ୍ତ ଆଧାରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭକ୍ତଙ୍କୁ ଦହିପାଣି ବାଣ୍ଟିଲେ ଶ୍ରୀମନ୍ଦିର ସୁରକ୍ଷା ବାହିନୀ



**ପୁରୀ,୨୫।୫(ସମିସ):** ବର୍ତ୍ତମାନର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସଶସ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ପକ୍ଷରୁ ଶ୍ରୀମନ୍ଦିର ପରିସରରେ ଦହିପାଣି ବଣ୍ଟାଯାଇଥିଲା। ଭକ୍ତମାନଙ୍କ ସୁବିଧା ଓ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏହି ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ହଜାର ହଜାର ଭକ୍ତଙ୍କୁ ଏହି ଶୀତଳ ଦହିପାଣି ବଣ୍ଟାଯାଇଥିଲା। ଭକ୍ତମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ପୁରୀ ପୁଲିସ ଏବଂ ଶ୍ରୀମନ୍ଦିର ସୁରକ୍ଷା ବାହିନୀର ମାନବିକ ସେବାକୁ ପ୍ରଶଂସା କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ, ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନାରାୟଣ ରାଉତ, କିରଣ କୁମାର ଏବଂ ବିଜୟ ନନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ସୁରକ୍ଷା ବାହିନୀର ଅନ୍ୟାନ୍ୟ କର୍ମଚାରୀମାନେ ମଧ ସକ୍ରିୟ ଭାବେ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ପୁରୀ ପୁଲିସ ସଦା ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଏବଂ ସେବା ପ୍ରତି ପ୍ରତିବଦ୍ଧ ରହିଛି ଏବଂ ଆଗାମୀ ଦିନରେ ଏଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରହିବ।

● ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ମିଳୁ ସ୍ୱତନ୍ତ୍ର ସୁବିଧା

## ୫୫ ଦିନରେ ପ୍ରତିବାଦ ପଦଯାତ୍ରା

**ପୁରୀ,୨୫।୫(ସମିସ):** ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିବା ବେଳେ ସରକାର ଓ ଜିଲ୍ଲା ପ୍ରଶାସନ ନିଦାବିଷ୍ଟୁ ସାଜିଛନ୍ତି। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହିଛନ୍ତି। ତେଣୁ ସେମାନଙ୍କ ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ସୋମବାର ୫୫ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରତ୍ୟେକଙ୍କ ମୁହଁରେ ଭକ୍ତିର ଆଲୋକ, ପ୍ରତ୍ୟେକ ହୃଦୟରେ ଏକ ଅଦୃଶ୍ୟ ପ୍ରାର୍ଥନା ପ୍ରଭୁ, ଆମକୁ ଆମ ଅଧିକାର ଫେରେଇ ଦିଅ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୂର୍ଯ୍ୟନାରାୟଣ ରଥ, ସୁକାନ୍ତ ପଣ୍ଡା, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ମୀନାକ୍ଷୀ ଦାସ, ନିହାରିକା ତ୍ରିପାଠୀ, ସନ୍ତୋଷ ସେନାପତି, ଟୁନି ନାୟକ, ମନୋରଞ୍ଜନ ରଣସିଂହ, ଶଶିକାନ୍ତ ଶତପଥୀ, ବିଶ୍ୱନାଥ ମିଶ୍ର, ପ୍ରଦୀପ୍ତ ମହାନ୍ତି, ରାଜା ମହାନ୍ତି, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ମନୋଜ ସାମଲ, ଅମୂଲ୍ୟ ଦାସ, ଯାଦବାନନ୍ଦ ରାୟ, କିଶୋର ଚନ୍ଦ୍ର ଦାସ, ଶିବ ସୁନ୍ଦର ମିଶ୍ର, ଅଭିମନ୍ୟୁ ପ୍ରଧାନ, ନିରଞ୍ଜନ ସାସମଲ, ଆଶା ବେହେରା, ରଶ୍ମି ବାରିକ୍, ଆରୋହୀ ବେହେରା, ଟୁମୁକି ନାୟକ ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।



## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ

**ପୁରୀ,୨୫।୫(ସମିସ):** ବିଭିନ୍ନ ଦାବି ନେଇ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପୁରୀ ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଗଠନ ପକ୍ଷରୁ ବିଶେଷକରି ସର୍ବାଧିକ ଖୁଚୁରା ମୂଲ୍ୟ ଓ ଛାପା ଉପରେ ସୀମା ଲଗାଇବା ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଗ୍ରାହକ ମନ୍ତ୍ରଣାଳୟ ମଧ୍ୟରେ ତ୍ୱରିତ, ଅର୍ଥପୂର୍ଣ୍ଣ ତଥା ଲାଭଦାୟକ ଆଇନ୍ ପ୍ରଣୟନ କରିବା ଦିଗରେ ଦାବି ରଖାଯାଇଛି। ସର୍ବାଧିକ ଖୁଚୁରା ମୂଲ୍ୟର ଦୁର୍ବଳ ବ୍ୟବସ୍ଥା ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାକୁ ଆଖି ଆଗରେ ରଖି ଏକ ସ୍ୱୟଂଶାସିତ କର୍ତ୍ତୃପକ୍ଷ ବା ସ୍ୱାଧୀନ ବୋର୍ଡ ତଥା କମିଶନ ଗଠନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗ୍ରାହକ ପଞ୍ଚାୟତ ପକ୍ଷରୁ ଗ୍ରାହକଙ୍କ ହିତ ନିମନ୍ତେ ବର୍ତ୍ତମାନର ଆଇନଗୁଡ଼ିକରେ ଉପଯୁକ୍ତ ସଂଶୋଧନ କରାଯାଇ କିଭଳି ଏହାର ଅନୁପାଳନ ସୁନିଶ୍ଚିତ ହେବ ଓ ଉଲ୍ଲଂଘନ ପାଇଁ ଦଣ୍ଡର ବ୍ୟବସ୍ଥା ରହିବ ସେ ଦିଗରେ ସରକାର ଯଥୋଚିତ ପଦକ୍ଷେପ ନେବାକୁ ଦାବି ରହିଛି। ସରକାରଙ୍କ ଦ୍ୱାରା ଏହିସବୁ ଆଇନ ଚୂଡ଼ାନ୍ତ ରୂପରେଖ ସହିତ ପ୍ରଣୟନ ହେଲେ ଗ୍ରାହକମାନେ ଉତ୍ପାଦର ଉତ୍ପାଦନ ଖର୍ଚ୍ଚ ଏହାର ଛାପା ମାଧ୍ୟମରେ ଜାଣିପାରିବେ। ଏଥିସହ ଉତ୍ପାଦର ନକଲି ରିଆତି ଓ ଏମ୍‌ଆର୍‌ପି ଛାପା ପାଇଁ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରି ଗ୍ରାହକମାନଙ୍କୁ ଅପ୍ରୀତିକର ପରିସ୍ଥିତିରୁ ରକ୍ଷା କରାଯାଇପାରିବ।

ସଂଗଠନର ପୁରୀ ଶାଖା ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଅଖିଳ ଭରତୀୟ ଗ୍ରାହକ ପଞ୍ଚାୟତ ବିଭିନ୍ନ ସମୟରେ ସରକାରଙ୍କ ନିକଟରେ ଗ୍ରାହକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦାବିମାନ କରିଆସିଛି। ସେଥିମଧ୍ୟରୁ ଅନେକ ଆଇନ ପ୍ରଣୟନ ମାଧ୍ୟମରେ ଗ୍ରାହକମାନଙ୍କ କଲ୍ୟାଣ ହେଉଛି। ତେବେ ସାମ୍ପ୍ରତିକ ସ୍ଥିତିରେ ସର୍ବାଧିକ ଖୁଚୁରା ମୂଲ୍ୟର ଦୁର୍ବଳ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଦାବିପତ୍ର ଦେଇଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିଭଳି ସଂଗଠନର ପୁରୀ ଶାଖା ସମ୍ପାଦକ ଆଇନଜୀବୀ ବିଶ୍ୱଭୂଷଣ ବାରିକ ଗ୍ରାହକମାନଙ୍କ ସ୍ୱାର୍ଥକୁ ସରକାର ସର୍ବାଧିକ ଗୁରୁତ୍ୱ ଦେବେ ବୋଲି ଆଶା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଶାଖାର ଉପସଭାପତି ପାର୍ଥସାରଥୀ ମହାପାତ୍ର, ସଂଯୋଜକ ସତ୍ୟଜିତ୍ ମେକାପ, ପ୍ରାନ୍ତ ସହ ସଂଗଠକ ମନ୍ତ୍ରୀ ପ୍ରସନ୍ନ କୁମାର ନାୟକ, ଜିଲ୍ଲା ସଂଗଠନ ମନ୍ତ୍ରୀ ସୁଦର୍ଶନ ପଣ୍ଡା, କର୍ମୀ ଗୋପାଳ ଚନ୍ଦ୍ର ବିରାଳ, ବଳଦେବ ପୁଷ୍ପାଳକ ଓ ଅଭିଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ଆବଶ୍ୟକ'

**ପୁରୀ,୨୫।୫(ସମିସ):** ସ୍ଥାନୀୟ ମାରୁତି ନଗର କଲ୍ୟାଣ ମଣ୍ଡପ ପରିସରରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସାମାଜିକସ୍ତରରେ ସମ୍ମାନ ଦେବା ଆବଶ୍ୟକ ବୋଲି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରିଥିଲେ ମଞ୍ଚର ଜିଲ୍ଲା ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ। ଅତିଥିଭାବେ ନାଟ୍ୟକାର ପ୍ରସନ୍ନ କୁମାର ମିଶ୍ର, ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା, ପତିତପାବନ ସାମନ୍ତରା, ଗିରିଜା ଶଙ୍କର ପାଢ଼ୀ ଓ କାହ୍ନୁ ଚରଣ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମତ ପ୍ରକାଶ ପାଇଥିଲା ଅଧୁନା ସମାଜରେ ବରିଷ୍ଠ ନାଗରିକଙ୍କ ପ୍ରତି ଯେଉଁ ସମ୍ମାନ, ସ୍ନେହଶ୍ରଦ୍ଧା ଓ ଆନ୍ତରିକତା ରହିବା କଥା ତାହା ବର୍ତ୍ତମାନ ତୁଚ୍ଛ ହୋଇଯାଇଛି। ଅତୀତରେ ସେମାନଙ୍କର ସମାଜ ପ୍ରତି ଅବଦାନ ଥିଲା। କାରଣ କିଏ କେଉଁ ବିଭାଗରେ ଶିକ୍ଷକ, ଅଧ୍ୟାପକ, ଇଞ୍ଜିନିୟର, ଦେଶ ସେବକ ଓ ବିଭିନ୍ନ ପଦପଦବୀରେ ଥାଇ ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ ସଠିକ୍ ସମ୍ପାଦନ କରୁଥିଲେ। କିନ୍ତୁ ଅଧୁନା ସମାଜରେ ଯେଉଁଭଳି ସ୍ଥିତି ଉପୁଜିଛି ତା'ର ଆଗାମୀ ଭବିଷ୍ୟତ କେହି କହିପାରିବେ ନାହିଁ। ବିଭିନ୍ନ ବ୍ୟବସ୍ଥାରେ ଅତ୍ୟାଚାର ମାଡ଼ିଗଲାଣି। ସବୁସ୍ତରରେ ସଚେତନତା ଅତ୍ୟନ୍ତ ଜରୁରୀ ବୋଲି ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ମଞ୍ଚ ଉପସଭାପତି ସନ୍ତୋଷ କୁମାର ମହାନ୍ତି ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଅଷ୍ଟମ ବେତନ କମିଶନରେ ପେନ୍‌ସନ୍‌ଭୋଗୀଙ୍କୁ ଉଚିତ୍ ନ୍ୟାୟ ମିଳିବା ଆବଶ୍ୟକ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଦେବେନ୍ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ଦାଶ, ପ୍ରଶାନ୍ତ କୁମାର ଦାସ, ବନମାଳୀ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଗୁଣ୍ଡିଚା ବରାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା, ସଞ୍ଜୟ ଦାସ, ଶଙ୍କର କୁମାର ବାରିକ ପ୍ରମୁଖ। ଶେଷରେ ଧନ୍ୟବାଦ ଦେଇଥିଲେ ପ୍ରଫୁଲ୍ଲ କୁମାର ରାଉତ।

# ରଥଯାତ୍ରା ସମୟରେ କାର୍ଯ୍ୟକ୍ଷମ ହେବ ୮ ଅସ୍ଥାୟୀ ହସ୍ପିଟାଲ



**ପୁରୀ, ୨୫।୫ (ସମିସ):** ଚଳିତ ରଥଯାତ୍ରାରେ ସ୍ୱାସ୍ଥ୍ୟ ସେବାକୁ ଅଧିକ କ୍ରିୟାଶୀଳ କରିବା ଓ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ୩୦ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ୧୦ ଶଯ୍ୟା ବିଶିଷ୍ଟ ୮ଟି ଅତିରିକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ରବିବାର ସଦ୍‌ଭାବନା ସଭାଗୃହ ପରିସରରେ ରଥଯାତ୍ରାରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ରଥଯାତ୍ରାରେ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତର, ପାରାମେଡିକାଲ୍ସ ସହ ଅନେକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥାନ୍ତି। ତେବେ ଦକ୍ଷତା ପୂର୍ଣ୍ଣ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ଦେବା ସେମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ମାଧ୍ୟମରେ ଅଧିକ ସ୍ୱାସ୍ଥ୍ୟ ସେବା ଉପଯୋଗୀ କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟାପ୍ତ ଔଷଧ, କର୍ମଚାରୀ, ଏସି ରୁମ୍, ଆମ୍ବୁଲାନ୍ସ ଇତ୍ୟାଦି ମହଜୁଦ୍ ସହ ରୋଗୀମାନଙ୍କୁ ତତ୍‌କ୍ଷଣାତ୍ ଉପଯୁକ୍ତ ସେବା ଯୋଗାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସାମଗ୍ରିକ ଓ ସମନ୍ୱୟର କାର୍ଯ୍ୟ। ପରସ୍ପର ସମନ୍ୱୟ ଓ ସହଭାଗିତା ମାଧ୍ୟମରେ ଆମେ ଉନ୍ନତ ଓ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇବା ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏସ୍‌ପି ପ୍ରତୀକ୍ ସିଂ ରୋଗୀମାନଙ୍କୁ ଯଥାଶୀଘ୍ର ଚିକିତ୍ସା ଯୋଗାଇବା ସହ ଗୁରୁତର ରୋଗୀମାନଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ମତ ଦେଇଥିଲେ। ସମସ୍ତ ରୋଗୀମାନଙ୍କୁ ମୁଖ୍ୟ ଚିକିତ୍ସାଳୟ ପଠାଇବା ଦ୍ୱାରା ସେଠାରେ ଅଧିକ ଚାପ ରହୁଛି। ଆମ୍ବୁଲାନ୍ସ ଗମନାଗମନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ରଥଯାତ୍ରା ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟସେବା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଦକ୍ଷତା ସମ୍ପନ୍ନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କର୍ତ୍ତବ୍ୟରେ ଅବହେଳା

## ନୟାଗଡ଼ ବନପାଳ, ମାଛିପଡ଼ା ବନରକ୍ଷୀ ନିଲମ୍ବିତ

**ନୟାଗଡ଼, ୨୫।୫(ସମିସ):** କର୍ତ୍ତବ୍ୟରେ ଅବହେଳା ପାଇଁ ନିଲମ୍ବିତ ହେଲେ ବନପାଳ ଓ ବନରକ୍ଷୀ। ନୟାଗଡ଼ ବନାଞ୍ଚଳ ଅଧୀନ ନୟାଗଡ଼ ସେକ୍ସନ ଦାୟିତ୍ୱରେ ଥିବା ଶୁଭେନ୍ଦୁ ପ୍ରସାଦ ନାୟକ ଓ ମାଛିପଡ଼ା ବନରକ୍ଷୀ ରଶ୍ମିତା ବେହେରାଙ୍କୁ ନିଲମ୍ବନ କରିଛନ୍ତି ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା। ନୟାଗଡ଼ ବନାଞ୍ଚଳ ଅଧୀନ ବାରପଲ୍ଲାରେ ଥିବା ନର୍ସରୀରେ ଘାସ ଉଠିଥିବା, ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ସଠିକ ଭାବେ ହେଉ ନ ଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ଆଜି ବନଖଣ୍ଡ ଅଧିକାରୀ ଉଭୟଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଛି। ଏହାସହ ବନଖଣ୍ଡରେ ଆଜି ଅନେକ ବନପାଳଙ୍କୁ ଅଦଳବଦଳ କରାଯାଇଛି। ଚିଠି ନଂ ୧୨୪ ଅନୁସାରେ, ଓଡ଼ଗାଁ ବନାଞ୍ଚଳ ଗୋଡ଼ିପଡ଼ା ସେକ୍ସନ ବନପାଳ ଏସ୍.କେ ଲୋକମାନ ଅଲ୍ଲୀଙ୍କୁ ଡିଭିଜନ ଅଫିସକୁ ବଦଳି କରାଯାଇଛି। ଗଣିଆ ବନାଞ୍ଚଳ ମଧଖଣ୍ଡ ସେକ୍ସନ ବନପାଳ ସନ୍ତୋଷ କୁମାର ଦୋରାଙ୍କୁ ମହିପୁର ବନାଞ୍ଚଳ ଗୁମ୍ମୀକୁ ବଦଳି କରାଯାଇଛି। ଗୁମ୍ମୀରେ କାର୍ଯ୍ୟରତ ପବିତ୍ର କୁମାର ପରିଡ଼ାଙ୍କୁ ମଧଖଣ୍ଡ ବଦଳି କରାଯାଇଛି। କଣ୍ଟିଲୋରେ କାର୍ଯ୍ୟରତ ବିଜୟ କୁମାର ପ୍ରଧାନଙ୍କୁ ଡିଭିଜନ କାର୍ଯ୍ୟାଳୟକୁ ଅଣାଯାଇଛି। ସୁମନ୍ତ କୁମାର ପରିଡ଼ାଙ୍କୁ ମହିତମା ସେକ୍ସନ ଦାୟିତ୍ୱ ଦିଆଯାଇଛି। ମହିତମାରେ ଥିବା ମୀନକେତନ ନାୟକଙ୍କୁ ନୟାଗଡ଼ ସେକ୍ସନ ଦାୟିତ୍ୱ ଦିଆଯାଇଛି। ସେହିଭଳି କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ଥିବା ସନ୍ଧ୍ୟାରାଣୀ ନାୟକଙ୍କୁ ଖଣ୍ଡପଡ଼ା ବନାଞ୍ଚଳ ଫିଂଘାପଡ଼ାକୁ ବଦଳି କରାଯାଇଛି। ଫିଂଘାପଡ଼ାରେ କାର୍ଯ୍ୟରତ ଜ୍ୟୋତିରଞ୍ଜନ ମଲ୍ଲିକଙ୍କୁ କଣ୍ଟିଲୋ ଦାୟିତ୍ୱ ଦିଆଯାଇଛି। ଦଶପଲ୍ଲା ବନାଞ୍ଚଳରେ କାର୍ଯ୍ୟରତ କୈଳାସ ପ୍ରଧାନଙ୍କୁ ପଞ୍ଚରିଡ଼ା ବନାଞ୍ଚଳ ଗୋଡ଼ିପଡ଼ା ଦାୟିତ୍ୱ ଦିଆଯାଇଛି।

**ବଦଳିଲେ ଅନେକ ବନପାଳ**

### ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରଉ

## ବିଞ୍ଚଣା ହଲାଇ ପ୍ରତିବାଦ କଲା ବିଜେଡି



**ନୟାଗଡ଼, ୨୫।୫(ସମିସ)**

ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭ୍ରାଟକୁ ନେଇ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରଉ କରିଛି ବିଜେଡି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଜେଡି ନେତା ଓ କର୍ମୀମାନେ ରାସ୍ତାରେ ବିଞ୍ଚଣା ହଲାଇ ପ୍ରତିବାଦ କରିଥିଲେ। ଟିପିସିଓଡିଏଲ୍ କାର୍ଯ୍ୟାଳୟ ଆଗରେ ଜୋରଦାର ପ୍ରତିବାଦ କରାଯାଇଥିଲା। ରାଜ୍ୟରେ ୨୦ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ସରକାର ବଳକା ବିଜୁଳିକୁ ଅନ୍ୟ ରାଜ୍ୟକୁ କମ୍ ଦରରେ ବିକ୍ରି କରୁଛନ୍ତି। ରାଜ୍ୟର ଜନସାଧାରଣଙ୍କୁ ୟୁନିଟ୍ ପିଛା ଅଧିକ ଦରରେ ଯୋଗାଉଛନ୍ତି। ବିଜେପି ସରକାର ଘୋଷଣା କରିଥିବା ୩ ଶହ ୟୁନିଟ୍ ମାଗଣା ବିଜୁଳି କୁଆଡ଼େ ଗଲା ବୋଲି ନୟାଗଡ଼ ବିଧାୟକ ଡ. ସାହୁ ପ୍ରଶ୍ନ କରିଥିଲେ।

ରାଜ୍ୟ ସରକାରଙ୍କ ଅପରଗତା ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବିଜୁଳି କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଏବେ ପରିସ୍ଥିତି ଭୟଙ୍କର ହୋଇଛି। ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଟାଟା ପାୱାର ଯେଭଳି ଖାମଖିଆଲି ଢଙ୍ଗରେ ବିଜୁଳି ଶକ୍ତି ପରିଚାଳନା କରି ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ଘୋର ସଙ୍କଟ ଭିତରକୁ ଠେଲୁଛି, ବିଜେଡି ତାହାର ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବି ରଖିଛି। ସ୍ମାର୍ଟ ମିଟର ବସାଇ ଅଘୋଷିତ ଭାବେ ରାତିଅଧିଆ ଲାଇନ କାଟିଦେବା ନିନ୍ଦନୀୟ। ଟାଟା ପାୱାର ମରାମତି ଆଳରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ବିଜୁଳି କାଟିବା, ଉପଭୋକ୍ତାଙ୍କୁ ଅନ୍ଧାରରେ ରଖିବା, ଲୋ- ଭୋଲଟେଜ ସମସ୍ୟା ସୃଷ୍ଟିକରି ଲକ୍ଷ ଲକ୍ଷ ଟଙ୍କାର ମୋଟର, କମ୍ପ୍ୟୁଟରକୁ ପୋଡ଼ି ଅଚଳ କରିଦେବା, ରୋଗୀ, ବୃଦ୍ଧ, ଶିଶୁଙ୍କୁ ଗରମରେ ଶଢ଼ାଇ ମାରିବା, ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି କରିବା, ଅଫିସ କମ୍ପ୍ୟୁଟରକୁ ନିକମା କରି ଲୋକଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବା ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଛି। ଯଦି ସରକାରଙ୍କ ନିଦ ନଭାଙ୍ଗେ ତେବେ ଆଗାମୀ ଦିନରେ ଜୋରଦାର ବିରୋଧ ହେବ ବୋଲି ବିଧାୟକ କହିଛନ୍ତି। ଏହାସହ ବିଜେପି ସରକାର ୩ ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ କରୁ ବୋଲି ଦାବି କରିଛନ୍ତି। ନିରନ୍ତର ବିଦ୍ୟୁତ୍ ଯୋଗାଣ, ୩ ଶହ ୟୁନିଟ୍ ମାଗଣା ବିଦ୍ୟୁତ୍, ମାତ୍ରାଧିକ ଦେୟ ଆଦାୟ କମାଇବା, କୃଷି କ୍ଷେତକୁ ମାଗଣ ବିଦ୍ୟୁତ୍ ଯୋଗାଣ ପାଇଁ ବିଧାୟକ ଦାବି ରଖିଛନ୍ତି। ବିକ୍ଷୋଭ ପରେ ଏକ ପ୍ରତିନିଧି ମଣ୍ଡଳୀ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଜୋରଦାର ବିରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଞ୍ଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାସ କହଁର, ମହିଳା ବିଜେଡି ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କ ସମେତ ବହୁ କାଉନସିଲର, ସରପଞ୍ଚ, ସମିତି ସଭ୍ୟ ଓ ଜନସାଧାରଣ ସାମିଲ ହୋଇଥିଲେ।

## ଦାୟିତ୍ୱ ନେବା ପୂର୍ବରୁ ପୁଣି ବଦଳିଲେ ଏସ୍‌ପି

**ଭୁବନେଶ୍ୱର, ୨୬।୫(ସମିସ):** ଦୁଇଦିନ ତଳେ ଆଇପିଏସ୍ ସ୍ତରରେ ହୋଇଥିବା ବଡ଼ ଅଦଳବଦଳରେ ଛୋଟ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କୁ ଖୋର୍ଦ୍ଧା ବଦଳରେ ନୟାଗଡ଼ ଜିଲ୍ଲାକୁ ବଦଳି କରାଯାଇଛି। ଶୁଭେନ୍ଦୁଙ୍କ ଘର ଖୋର୍ଦ୍ଧା ଜିଲ୍ଲାରେ ହୋଇଥିବାରୁ ଏହି ପରିବର୍ତ୍ତନ କରାଯାଇଥିବା କୁହାଯାଉଛି। ସେହିପରି ନୟାଗଡ଼କୁ ବଦଳି ହୋଇଥିବା ସିଆଇଡି, ସିବି ଏସ୍‌ପି ପରମାର ସ୍ମିତ ପରଷୋତ୍ତମଦାସଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି।

**ଶୁଭେନ୍ଦୁଙ୍କୁ ନୟାଗଡ଼, ପରମାରସ୍ମିତଙ୍କୁ ଖୋର୍ଦ୍ଧା ଦାୟିତ୍ୱ**

## ଦେଶୀ ମଦ ଜବତ, ଜଣେ ଗିରଫ

**ଗଣିଆ, ୨୫।୫(ସମିସ):** ଗଣିଆ ଥାନା ବେଲପଡ଼ାପାଟଣା ପଞ୍ଚାୟତ ନିକଟରୁ ଜଣେ ଯୁବକଙ୍କ ଘରୁ ୧୦୮ ଲିଟର ଦେଶୀ ମଦ ପାଉଚ ଜବତ। ଏହି ମଦ ବେପାରରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସଆଇ ଶାହା ଆଲାମ ଖାଁ, କନେଷ୍ଟବଳ ଭାସ୍କର ପ୍ରଧାନ ପ୍ରମୁଖ ବେଲପଡ଼ାପାଟଣା ପଞ୍ଚାୟତ ପାଖରେ ଥିବା ସମୀର ସେଠୀଙ୍କ ଘରେ ଚଢ଼ଉ କରିଥିଲେ। ସମିରଙ୍କ ଘରୁ ୧୦୮ ଲିଟର ଦେଶୀ ମଦ ପାଉଚ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୩୦ ହଜାରରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ସମୀରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଭାପୁର ବାଇପାସ୍ କାଳିଗିରି ନଦୀରେ ହେବ ବ୍ରିଜ୍ ନିର୍ମାଣ

**ଭାପୁର, ୨୫।୫(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ଓ ଖଣ୍ଡପଡ଼ା ବ୍ଲକର ଜୀବନରେଖା ଭାବେ ପରିଗଣିତ ଖଣ୍ଡପଡ଼ାରୁ ଭାପୁର ଦେଇ ବାଘମାରୀ ଯାଇଥିବା ରାଜ୍ୟ ରାଜ୍ୟ ପଥ। ଏହି ରାସ୍ତାର ଭାପୁର କଳାପଥର ବାଇପାସ ରାସ୍ତାରେ ଥିବା ନିଚା କାଳିଗିରି ପୋଲ ଭଙ୍ଗା ଯାଇ ସେଠାରେ ଉଚ୍ଚ ପୋଲ ନିର୍ମାଣ ହେବ।ଏଥିପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିବା ଜଣାପଡ଼ିଛି।ଭାପୁର ଓ ଖଣ୍ଡପଡ଼ା ବ୍ଲକର ଜନସାଧାରଣ ଭୁବନେଶ୍ୱର ଯିବା ଆସିବା ପାଇଁ ଯେଉଁ ରାସ୍ତା ବ୍ୟବହାର କରିଥାନ୍ତି ସେହି ତିନୋଟି ରାସ୍ତାରେ କାଳିଗିରି ନଦୀ ପଡ଼ିଥାଏ। ସେଗୁଡ଼ିକ ନିଚା ଥିବାରୁ ବନ୍ୟା ସମୟରେ ତିନୋଟି ଯାକ ପୋଲ ବନ୍ୟା ତଳରେ ବୁଡି ଯାଇଥାଏ। ଫଳରେ ଦୁଇ ବ୍ଲକ ଜନସାଧାରଣ ଜଳବନ୍ଦୀ ଭଳି ରହିଥାନ୍ତି। ପ୍ରଥମ ଓ ମୁଖ୍ୟ ରାସ୍ତାଟି ହେଲା ଫତେଗଡ଼ କଳାପଥର ରାସ୍ତା, ଦ୍ୱିତୀୟଟି ହେଲା ଭାପୁର କଳାପଥର ବାଇପାସ ରାସ୍ତା ଓ ତୃତୀୟଟି ହେଲା କରବର ବୈଦେଶ୍ୱର ରାସ୍ତା। ଦୁଇ ବ୍ଲକର ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟସୁନ୍ଦର ମିଶ୍ରଙ୍କ ବିଧାନସଭାରେ ବାରମ୍ବାର ଦାବୀ ଯୋଗୁଁ ୧୯୭୫ ମସିହାରେ ଉକ୍ତ କାଳିଗିରି ନଦୀରେ ପ୍ରଥମ ବ୍ରିଜ ନିର୍ମାଣ ହୋଇଥିଲା ଓ ଏହାକୁ ଫତେଗଡ଼ଠାରେ ଶୁଭ ଦେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ। ପରବର୍ତ୍ତୀ ସମୟରେ ଏହା ବନ୍ୟା ସମୟରେ ବୁଡିଯାଉଥିବାରୁ ଆଠ ଦଶ ଦିନ ଧରି ଭାପୁର ବ୍ଲକ ଜଳବନ୍ଦୀ ହୋଇ ରହୁଥିଲା। ପରବର୍ତ୍ତୀ ସମୟରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଉଦ୍ୟମରେ ବର୍ତ୍ତମାନ ନିର୍ମାଣ ହେଉଥିବା ୧୧ କୋଟିର ପୋଲ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ଚାଲିଛି। ଯାହା ସାତ ବର୍ଷ ପରେ ମଧ ନିର୍ମାଣ ସରୁ ନାହିଁ। ବର୍ତ୍ତମାନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ତଥା ଭାପୁର ମାଟିର ପୁଅ ଅଭିଳାଷ ପଣ୍ଡାଙ୍କ ଉଦ୍ୟମରେ ରାଜ୍ୟ ସରକାର ଏହି ବାଇପାସ ରାସ୍ତାର କାଳିଗିରି ନଦୀରେ ନୂତନ ପୋଲ ତିଆରି ହେବା ସହ ଦୁଇ ପଟ ରାସ୍ତା ମଧ୍ୟ ଉଚ୍ଚ ହେବ। ଏଥିପାଇଁ ରାଜ୍ୟ ସରକାର ୧୭ କୋଟି ୬୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଫଳରେ ଭାପୁର ବ୍ଲକର ଜନସାଧାରଣଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି।

**୧୭ କୋଟି ମଞ୍ଜୁର କଲେ ସରକାର**

## ପାଣି ସମସ୍ୟା; ଭାଇରାଲ ହେଲା ନାବାଳକଙ୍କ ଭିଡିଓ





**ନୟାଗଡ଼, ୨୫।୫(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଚାହାଳୀ ଗାଁରେ ପାଣି ସମସ୍ୟା ଉତ୍କଟ ପରିସ୍ଥିତି ଧାରଣା କରିଛି। ଗାଁ ଲୋକେ ସ୍ଥାନୀୟ ଏକ ନଦୀ ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ଯାହାକୁ ନେଇ ଜଣେ ନାବାଳକ ଚୁଆକୁ ପାଣି ପାଇଁ ଯିବା ବେଳେ ଏହାର ଭିଡିଓ କରି ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟାଳୟରୁ ଏହାର ଅନୁଧ୍ୟାନ କରିବାକୁ ନୟାଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଆସିଥିଲା। ଜିଲ୍ଲାପାଳ ମଧୁମିତା ରଥଙ୍କ ନିର୍ଦ୍ଦେଶରେ ଗାଁରେ ଏକ ଟିମ୍ ପହଞ୍ଚିଥିଲା। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଲୋକ କୁମାର ପଣ୍ଡା, ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳ, ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଶିଳାପ୍ରିୟା ସେଠୀ ପ୍ରମୁଖ ଗାଁରେ ପହଞ୍ଚିଥିଲେ। ୪ ଦିନ ମଧ୍ୟରେ ଗାଁର ପାନୀୟ ଜଳ ସମସ୍ୟା ଦୂର କରିବାକୁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଭାଇରାଲ ହୋଇଥିବା ନାବାଳକ ଜଣଙ୍କ ଚାହାଳୀ ଗ୍ରାମର ପ୍ରଶାନ୍ତ କୁମାର ମିଶ୍ରଙ୍କ ପୁଅ ସାଇ ସନ୍ତୋଷ ମିଶ୍ର। ସାଇ ତାଙ୍କ ପରିବାର ସହ ଅନୁଗୋଳରେ ରୁହନ୍ତି। ଖରାଛୁଟି କାଟିବାକୁ ଗାଁକୁ ଆସିବା ବେଳେ ପିଇବା ପାଣି ପାଇଁ ତାଙ୍କୁ ନିକଟସ୍ଥ ଡାହୁକା ନଦୀକୁ ଯିବାକୁ ପଡୁଥିଲା। ଯାହାକୁ ନେଇ ସେ ଏକ ଭିଡିଓ କରି ଜଣେ ଭଉଣୀଙ୍କ ଇନଷ୍ଟା ଆଇଡିରେ ପକାଇଥିଲେ। ଏହା ତ୍ୱରିତ ଭାବେ ଭାଇରାଲ ହେବା ସହ ସରକାରଙ୍କ ନିକଟରେ ପହଞ୍ଚିଛି। ଖୁବଶୀଘ୍ର ଗାଁରେ ଅତିରିକ୍ତ ଭାବେ ଦୁଇଟି ନଳକୂପ ଖୋଳାଯିବ ବୋଲି ସୂଚନା ମିଳିଛି।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶ; ଗାଁରେ ପହଞ୍ଚିଲା ଟିମ୍**

### ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

## ଗଣିଆ-କୁତୁରୀ ରାସ୍ତା ନିର୍ମାଣ ପାଇଁ ଧାରଣା



**ଗଣିଆ, ୨୫।୫(ସମିସ):** ଗଣିଆ ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ୍, ଏସଡିପିଓ ସୁଦୀପ୍ତ କୁମାର ସାହୁ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୫୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୨ଟି, ସାମୂହିକ ୬ଟି ଏବଂ ଅନ୍ୟାନ୍ୟ ୯ ଟି ଅଭିଯୋଗ ରହିଥିଲା। ୮ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଗଣିଆଠାରୁ କୁତୁରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରିବା ସହିତ ଗତବର୍ଷ ଜାନୁଆରୀ ଏବଂ ଜୁନ୍ ମାସରେ ଛାମୁଣ୍ଡିଆ ଗ୍ରାମବାସୀଙ୍କ ତରଫରୁ ଧାରଣା ଓ ରାସ୍ତାରୋକ କରାଯାଇଥିବା ବେଳେ ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ନିର୍ମାଣ ନ ହେବାରୁ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଜୟଦେବ ସାହୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଜନଶୁଣାଣି ହେଉଥିବା ସଭାଗୃହ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରାୟ ୪୦ରୁ ଅଧିକ ଜନସାଧାରଣ ୩ ଘଣ୍ଟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ୧୦ ଦିନ ଭିତରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ଏତଦବ୍ୟତୀତ ଭତ୍ତା, ରାସନ୍ କାର୍ଡ, ବିଦ୍ୟୁତ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଅଭିଯୋଗ ହୋଇଥିଲା।

### ବିଇଓ ଅଦଳ ବଦଳ, ଗଣିଆକୁ ଉପେକ୍ଷା

## ନୟାଗଡ଼, ନୂଆଗାଁକୁ ଆସିଲେ; ଦଶପଲ୍ଲାରୁ ଗଲେ

**ନୟାଗଡ଼/ଖଣ୍ଡପଡ଼ା/ଗଣିଆ/ନୂଆଗାଁ, ୨୫।୫(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ବିଇଓଙ୍କ ବଦଳି ହୋଇଥିବା ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ପରିପ୍ରେକ୍ଷୀରେ ଆସ୍କାରେ ବିଇଓ ଭାବେ କାର୍ଯ୍ୟରତ ମୁନରାଣୀ ମହାନ୍ତିଙ୍କୁ ନୟାଗଡ଼ ବ୍ଲକ ବିଇଓ ଦାୟିତ୍ୱ ମିଳିଛି। ଖଣ୍ଡପଡ଼ା ବ୍ଲକରେ ବିଇଓ ଭାବେ କାର୍ଯ୍ୟରତ ଥିବା କୈଳାସ ଚନ୍ଦ୍ର କରଙ୍କୁ ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ମିଳିଥିବା ବେଳେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଅମ୍ରିତା ସାହୁଙ୍କୁ ଖଣ୍ଡପଡ଼ାର ନୂତନ ବିଇଓ ଭାବେ ଦାୟିତ୍ୱ ମିଳିଥିବା ଜଣାପଡ଼ିଛି। ସେହିପରି ରଣପୁର ବି.ସି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଡ଼. ଗିରିଜା ଶଙ୍କର ମହାପାତ୍ରଙ୍କୁ ନୂଆଗାଁ ବ୍ଲକ ନୂତନ ବିଇଓ ଦାୟିତ୍ୱ ମିଳିଥିବା ଜଣାପଡ଼ିଛି। ସେହିପରି ଦଶପଲ୍ଲା ବ୍ଲକରେ ବିଇଓ ଭାବେ କାର୍ଯ୍ୟରତ ଥିବା ଭକ୍ତି ବିନୋଦ ସଲଙ୍କୁ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକକୁ ବଦଳି ହୋଇଥିବା ସୂଚନା ରହିଛି। ଗଣିଆ ବ୍ଲକକୁ ଉପେକ୍ଷା କରାଯାଇଛି। ଗଣିଆରେ ସ୍ଥାୟୀ ବିଇଓ ନଥିବା ବେଳେ ଖଣ୍ଡପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ବିଇଓ ଦାୟିତ୍ୱରେ ଅଛନ୍ତି। ଗଣିଆ ବ୍ଲକରେ କାର୍ଯ୍ୟରତ ଦୁଇଜଣ ଅତିରିକ୍ତ ଶିକ୍ଷା ଅଧିକାରୀ ନିରୁପମା ମହାପାତ୍ର ଏବଂ ରବୀନ୍ଦ୍ର କୁମାର ବେହେରାଙ୍କ ବଦଳି ହୋଇଥିଲା। ଏ ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ନୂତନ ଅତିରିକ୍ତ ଶିକ୍ଷା ଅଧିକାରୀ ନିଯୁକ୍ତି କରାଯାଇ ନାହିଁ। ରାଜ୍ୟର ଅନ୍ୟ ବ୍ଲକକୁ ନୂତନ ବିଇଓ ନିଯୁକ୍ତି କରାଯାଇଥିବା ବେଳେ ଗଣିଆ ବ୍ଲକ ପ୍ରତି ଏତେ ହେୟଜ୍ଞାନ କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ



**ରଣପୁର, ୨୫।୫(ସମିସ)**

ବିଜେପି ସରକାରର ମହିଳା, କୃଷକ, ଯୁବକ, ଛାତ୍ର, ବିରୋଧୀ ଶାସନ ବିରୋଧରେ ରଣପୁର ମହିଳା ବିଜେଡି ଦ୍ୱାରା ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ନଗର ସଭାପତି ଲିଙ୍ଗରାଜ ନାୟକଙ୍କ ସହଯୋଗରେ ସୋମବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ହଜାର ହଜାର ମହିଳାଙ୍କୁ ନେଇ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କିଛିଦିନ ଧରି ସାରା ଦେଶରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ନେଇ ବିରୋଧୀଙ୍କ ବିରୋଧ ଫଳରେ ବିଫଳ ହୋଇଥିବା ଜୋରରେ ପ୍ରଚାର ଚାଲିଛି। ତେବେ ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ବିଜେପି ସରକାର ରାଜ୍ୟରେ ଅସମର୍ଥ ହୋଇଛି। ନାରୀ ହିଂସାରେ ଓଡ଼ିଶା ଦେଶରେ ଅଲୋଡ଼ା ରେକର୍ଡ କରିଛି। ମହିଳାଙ୍କୁ ବିଜେପି ଭୁଆଁ ବୁଲାଉଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ପାର୍ଲାମେଣ୍ଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡ଼େ ନାରୀ ଅଧିକାର ଓ ସଶକ୍ତୀକରଣର ଆଲୋଚନା ହେଉଥିବା ବେଳେ ପ୍ରକୃତରେ ମହିଳାମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ ବଡ଼ ପ୍ରଶ୍ନବାଚୀ ହୋଇ ରହିଛି। ନାରୀମାନଙ୍କ ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ ବୋଲି ବିଜେଡିର ନେତୃମଣ୍ଡଳୀ କରିଛନ୍ତି। ପଞ୍ଚାୟତିରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଥିଲେ। ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ କରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ମହିଳାମାନଙ୍କୁ ୩୩ ପ୍ରତିଶତ ଟିକେଟ ମଧ ଦେଇଥିଲେ। ମହିଳା ସଂରକ୍ଷଣ ବିଜେଡିର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ ବୋଲି ମତ ପ୍ରକାଶ ପାଇଥିଲା। ତେବେ ପରିତାପର ବିଷୟ, କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ। ସେଥିପାଇଁ ଆଜି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରଣପୁର ବିଡିଓ ମନୋଜ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ବ୍ଲକ ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ, ନଗର ସଭାପତି ଲିଙ୍ଗରାଜ ନାୟକ, ବ୍ଲକ ମହିଳା ସଭାପତି ନର୍ମଦା ରାୟ, ନଗର ମହିଳା ସଭାପତି ଜୟନ୍ତୀ ମହାରଣା, ଆଗଧାଡ଼ିର ନେତା ପ୍ରଫୁଲ୍ଲ କୁମାର ନାୟକ, ସ୍ୱର୍ଣ୍ଣ ରାଉତରାୟ, ଆଲୋକ ଜେନାଙ୍କ ସମେତ ହଜାର ହଜାର ମହିଳା, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

**ଭାପୁର:** ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଭାପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ମହିଳା ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜେଡିର ଶତାଧିକ ମହିଳା କର୍ମୀ ଓ ନେତ୍ରୀ ଏକଜୁଟ୍ ହୋଇ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ତଥା ମହିଳାଙ୍କ ସୁରକ୍ଷା ପାଇଁ ସ୍ୱର ଉଠାଇବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ମହିଳାମାନେ ଯୋଗଦେଇଥିଲେ। ମହିଳା ସଂରକ୍ଷଣ ନାଁରେ ବିଜେପି ଭୁଆଁ ବୁଲାଉଥିବା ଅଭିଯୋଗ କରିଥିଲେ। ମହିଳାଙ୍କ ସହ ବିଜେପିର ଛଳନାକୁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓଡ଼ିଶାର ମହିଳାମାନେ ନିଶ୍ଚିତ ଜବାବ ଦେବେ ବୋଲି ବିଜେଡି ନେତ୍ରୀ ତଥା ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା କହିଥିଲେ। ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଜେପି ସରକାର ବିଫଳ ଏବଂ ନାରୀ ନିର୍ଯାତନା ରୋକିବାରେ ରାଜ୍ୟ ବିଜେପି ସରକାର ଅସମର୍ଥ ବୋଲି ବିଜେଡି ସଭାପତି ବେଣୁଧର ପ୍ରଧାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବ୍ଲକ ବିଜେଡି ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ମହିଳା ସଭାନେତ୍ରୀ କବିତା ମହାରଣା, ପ୍ରତିମା ପରିଡ଼ା, ଶିବାନୀ ଦାଶ, ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ବୈକୁଣ୍ଠନାଥ ଦାସ, ସନ୍ତୋଷ ତ୍ରିପାଠୀ, ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।





**ଦଶପଲ୍ଲା:** ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ମହିଳା ବିଜେଡି ପକ୍ଷରୁ ସୋମବାର ବିଶାଳ ଶକ୍ତି ପ୍ରଦର୍ଶନ କରାଯାଇଛି। ଦଶପଲ୍ଲା ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ମେଡିକାଲ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ହଜାର ହଜାର ମହିଳା ଶୋଭାଯାତ୍ରାରେ ସାମିଲ ହୋଇ ଦିନକୁ ଦିନ ବଢୁଥିବା ନାରୀ ଅତ୍ୟାଚାରକୁ ନେଇ ବିରୋଧ କରିଥିଲେ। ଶୋଭାଯାତ୍ରା ଦଶପଲ୍ଲା ବଜାର ପରିକ୍ରମା କରି ମେଳିଆ ତୋଟାରେ ପହଞ୍ଚିଥିଲା। ସେଠାରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ନିଜ ବକ୍ତବ୍ୟରେ ମହିଳା ଅଧିକାରକୁ ବିଜେପି ସରକାର କ୍ଷୁଣ୍ଣ କରିବାରେ ଲାଗିଛି ବୋଲି କହିଥିଲେ। ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବାକୁ କହି ସୁଭଦ୍ରା ଯୋଜନା ଆଳରେ ଠକିଥିବା କହିଥିଲେ। ଅପାରଗ ବିଜେପି ସରକାର ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ଅବହେଳା କରୁଥିବା ବେଳେ ନାରୀ ନିର୍ଯାତନା ରୋକିବାକୁ ପଦକ୍ଷେପ ନେବାରେ ବିଫଳ ବୋଲି କହିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦଶପଲ୍ଲା ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୋଭାଯାତ୍ରାରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, କାଉନସିଲର ସନୋଜ ସାହୁ, ସନ୍ଧ୍ୟାରାଣୀ ପ୍ରଧାନ, ରଶ୍ମିତା ଜେନା, ମାନସୀ ପଟ୍ଟନାୟକ, ମନୀଷା ମିଶ୍ର, ଗଣିଆ ବ୍ଲକ ବିଜେଡି ସଭାପତି ଶେଷଦେବ ସ୍ୱାଇଁ ଓ ମହେଶ୍ୱର ମହାରଣାଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

# ନଳବଣ ନିଷିଦ୍ଧାଞ୍ଚଳରେ ମାଛ ମାରି ୧୧ ମତ୍ସ୍ୟଜୀବୀ ଗିରଫ



ବାଲୁଗାଁ,୨୫।୫(ସମିସ): ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିନ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ମାରୁଥିବା ବେଳେ ୧୧ ଜଣ ମତ୍ସ୍ୟଜୀବୀଙ୍କୁ ସୋମବାର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗିରଫ କରାଯିବା ସହ ୨ଟି ମେସିନ ଡଙ୍ଗା ଓ ଜାଲ ଆଦି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ସ୍ଥାନୀୟ ବଡକୂଳ ଅଠରବାଟିଆ ଓ ଚନ୍ଦ୍ରାପୁଟ ଗ୍ରାମର ଦୁର୍ଯୋଧନ ଜାଲି (୫୦), ବାଙ୍କନିଧି ଜାଲି (୬୯), ଶ୍ରୀକାନ୍ତ ଦାସ (୪୯), ସୁରେଶ ଦାସ (୫୩), ଅଶୋକ ବେହେରା (୫୪), ଭିକାରୀ ଦାସ (୪୬), ଲିଙ୍ଗରାଜ ଜାଲି (୬୦), ମୋହନ ଜାଲି (୪୨), ରୂପକ ଜାଲି (୩୬), ବିରେଶ ଜାଲି (୩୨) ଓ ଦିଲ୍ଲିପ ଜାଲି (୪୦)। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ବାଲୁଗାଁ ରେଞ୍ଜ ପକ୍ଷରୁ ୦୯ବି ଏବଂ ୧୦ବି /୨୬-୨୭ରେ ପୃଥକ ଭାବେ ଦୁଇ ଗୋଟି ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନ ଉପୁଜିବା ପାଇଁ ପକ୍ଷୀ ଅଭୟାରଣ୍ୟ ନଳବଣ ଠାରୁ ଚିଲିକା ଜଳରାଶିରେ ପ୍ରାୟ ୫ଶହ ମିଟର ଦୂରତାରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ଚତୁଃପାଶ୍ୱର୍ ଅଞ୍ଚଳକୁ ବିଭାଗୀୟ ପକ୍ଷରୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏପରିକି ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ନଳବଣ ନିଷିଦ୍ଧାଞ୍ଚଳକୁ ପ୍ରବେଶ ଅନୁମତି ଦିଆଯାଇ ନାହିଁ। ଏଥିସହ ସେଠାକୁ ଚିଲିକାରେ ମାଛ ମାରି ପେଟ ପୋଷୁଥିବା ମତ୍ସ୍ୟଜୀବୀଙ୍କୁ ମଧ ପ୍ରବେଶ ନିଷେଧ ରହିଛି। ତେବେ ପକ୍ଷୀ ସମୂହ ମଳତ୍ୟାଗ କରୁଥବା ଉକ୍ତ ନିଷିଦ୍ଧାଞ୍ଚଳ ଜଳରାଶିରେ ପ୍ରଚୁର ପରିମାଣରେ ମାଛ ଓ କଙ୍କଡ଼ା ଆଦି ରହୁଥିବାରୁ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ପ୍ରବେଶ କରି ମାଛ ମାରିବାକୁ ପଛାଉ ନାହାନ୍ତି। ଏପରିକି ମାଛ ମାରି ଗିରଫ ହେବା ଘଟଣା ପୂର୍ବରୁ ବହୁ ନଜିର ରହିଛି। ତେବେ ଚିଲିକାରେ ବର୍ତ୍ତମାନ ମାଛ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ନଳବଣ ନିଷିଦ୍ଧାଞ୍ଚଳରେ ପ୍ରଚୁର ପରିମାଣରେ ମାଛ ରହୁଥିବାରୁ ମତ୍ସ୍ୟଜୀବୀମାନେ ନିଜର ପରିବାର ପ୍ରତିପୋଷଣ ପାଇଁ ବାଧ ହୋଇ ଆଇନକୁ ନମାନି ମାଛ ମାରୁଥିବା ଦେଖାଯାଇଛି। ଏପରିସ୍ଥଳେ ସୋମବାର ପୂର୍ବାହ୍ନରେ ଚିଲିକା ନଳବଣରେ ପାରିକୁଦ ବନ୍ୟପ୍ରାଣୀ ବିଭାଗ ଟିମ ପେଟ୍ରୋଲିଂ କରୁଥିବା ବେଳେ ଉପରୋକ୍ତ ୧୧ମତ୍ସ୍ୟଜୀବୀ ୨ଟି ମେସିନ ଡ଼ଙ୍ଗାରେ ଯାଇ ନଳବଣ ନିଷିଦ୍ଧାଞ୍ଚଳରେ ଲୁଚି ଛପି ମାଛ ମାରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଡିଏଫଓ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ବନ୍ୟପ୍ରାଣୀ ବିଭାଗୀୟ ଫରେଷ୍ଟର ଜିତେନ୍ଦ୍ରୀୟ ଜେନା ସଦଳବଳେ ଚଢ଼ଉ କରି ସମସ୍ତ ୧୧ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ବ୍ୟବହୃତ ଦୁଇଗୋଟି ଇଂଜିନ ଚାଳିତ ଡ଼ଙ୍ଗା, ୧୩ ପଟ ଡୁବି ଜାଲ, ୪୭ ଗୋଟି ମାଛ ଧରା ଜାଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ଡିଏଫଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଜମିଜମା ବିବାଦରୁ ସଂଘର୍ଷ; ୩ ଗିରଫ

ନିରାକାରପୁର,୨୫।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମରେ ଏକ ଜମିଜମା ସଂକ୍ରାନ୍ତୀୟ ସିଭିଲ୍ ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଯାଇଛି। ଏହି ସଂଘର୍ଷରେ ଜଣେ ବ୍ୟକ୍ତି ଆହତ ହୋଇଥିବା ବେଳେ ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କାଶୀପୁର ବାଡ଼ପାଟଣା ଗ୍ରାମର ସୁରେଶ ଚନ୍ଦ୍ର ନାୟକ ଓ ପ୍ରତିପକ୍ଷଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ଗତ ୧୧ ମେ' ୨୦୨୬ ସନ୍ଧ୍ୟାରେ ଏହି ବିବାଦ ଉଗ୍ର ରୂପ ଧାରଣ କରିଥିଲା। ଉଭୟ ପକ୍ଷ ମଧ୍ୟରେ ବଚସାରୁ ଆରମ୍ଭ ହୋଇ ମାରପିଟ୍ ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଆକ୍ରମଣରେ ସୁରେଶ ଚନ୍ଦ୍ର ନାୟକଙ୍କ ମୁଣ୍ଡ ଫାଟିଯିବା ସହ ସେ ଆହତ ହୋଇଥିଲେ। ଏ ସମ୍ପର୍କରେ ଆହତ ସୁରେଶ ଚନ୍ଦ୍ର ନାୟକଙ୍କ ଲିଖିତ ଅଭିଯୋଗକୁ ଆଧାର କରି ନିରାକାରପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଗତକାଲି ନିରାକାରପୁର ଥାନା ପୋଲିସ ଘଟଣାରେ ସଂପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ତ୍ରିନାଥ ସାମନ୍ତରାୟ (୬୨), ଦୀନବନ୍ଧୁ ସାମନ୍ତରାୟ (୫୭), ରଜନୀ ଅ ସରୋଜିନୀ ସାମନ୍ତରାୟ (୫୫)। ଗିରଫ ସମସ୍ତ ଅଭିଯୁକ୍ତ କାଶୀପୁର ବଡ଼ପାଟଣା ଗ୍ରାମର ବୋଲି ଜଣାପଡ଼ିଛି। ଆଜି କୋର୍ଟ ଚାଲାଣ କରିଥିବା ନେଇ ଥାନା ସୂତ୍ରରୁ ପ୍ରକାଶ। ଅପରପକ୍ଷରେ ଗ୍ରାମରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ନଜର ରଖାଯାଇଛି।

# ଟାଟା ପାୱାରକୁ ଚକ୍‌ମା ଦେଇ ବିଦ୍ୟୁତ୍ ଚୋରି ଅଭିଯୋଗ

ଜଟଣୀ, ୨୫।୫ (ସମିସ): ରାଜ୍ୟରେ ପ୍ରଚଣ୍ଡ ଖରା ସହ ଅସହ୍ୟ ଗରମ ଅନୁଭୂତ ହେଉଥିବା ବେଳେ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସଂକଟ ଓ ଲୋଡ୍ ସମସ୍ୟା ଦେଖା ଦେଉଛି। ଏଭଳି ସମୟରେ ଟାଟା ପାୱାରକୁ ଚକମା ଦେଖାଇ ଟେଣ୍ଡର ନେଇଥିବା କମ୍ପାନୀ ବିଦ୍ୟୁତ ଚୋରି କରୁଛି ବୋଲି ଅଭିଯୋଗ ହେଉଛି। ଦୈନିକ ୧୨ କିଲୋୱାଟ ପରିମାଣର ମେସିନ ଲଗାଇ ଦିନ ରାତି କାମ କରୁଛି। ସେପଟେ ଭୋଲ୍ଟେଜ କମ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଘଟଣା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଳ ଗ୍ରାମରେ ଏଲ ଆଣ୍ଡ ଟି ନାମକ ଠିକା ସଂସ୍ଥା ଦ୍ୱାରା ଏକ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଚାଲିଛି। ଦୀର୍ଘ ମାସ ହେଲାଣି ଠିକା ସଂସ୍ଥା ଦ୍ୱାରା ବେଆଇନ ଭାବେ ହୁକ ପକାଇ ବିଦ୍ୟୁତ ଚୋରି କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉକ୍ତ ସଂସ୍ଥା ଦୀର୍ଘ ଦିନ ଧରି ବିଦ୍ୟୁତ ଖୁଣ୍ଟରୁ ସିଧାସଳଖ ହୁକ ପକାଇ ବିଦ୍ୟୁତ ଚୋରି କରି ପ୍ରକଳ୍ପ କାମ, ୱେଲ୍ଡିଂ, ରଡ଼ କଟିଂ, ସାଇଣ୍ଡର ମେସିନ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚଲାଇ ଆସୁଛି। ଯାହା ୧୨ କିଲୋ ୱାଟରୁ ଅଧିକ ହେବ। ଏହି ଘଟଣା ସମ୍ପର୍କରେ ସୂଚନା ପାଇ କିଛି ଦିନ ପୂର୍ବରୁ ଟାଟା ପାୱାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବେଆଇନ ତାର କାଟି ନେଇଥିଲେ। କିନ୍ତୁ ପରେ ପୁଣି ପ୍ରତିଦିନ ହୁକ୍ ପକାଇ ବିଦ୍ୟୁତ ଚୋରି ଚାଲିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ହରିରାଜପୁର ସବ ଷ୍ଟେସନ ଯନ୍ତ୍ରୀ ବୁଦ୍ଧଦେବ ପ୍ରଧାନ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ତାଙ୍କ କହିବା ଅନୁସାରେ ଆମର ଟିମ ବାରମ୍ବାର ଚଢ଼ାଉ କରୁଛି। କିନ୍ତୁ ଆମେ ଆସିବା ପୂର୍ବରୁ ସେମାନେ ହୁକ କାଢି ଦେଉଛନ୍ତି। ଖୁବ ଶୀଘ୍ର ସମ୍ପୃକ୍ତ ସଂସ୍ଥା ଉପରେ ପଦକ୍ଷେପ ନିଆଯିବ।

# ଟେଣ୍ଡର ପ୍ରକ୍ରିୟାକୁ ନେଇ ୨ କାଉନ୍‌ସିଲର ମୁହାଁମୁହିଁ

ଖୋର୍ଦ୍ଧା,୨୫।୫(ସମିସ) : ଖୋର୍ଦ୍ଧା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବିଭିନ୍ନ ପ୍ରକଳ୍ପ ପାଇଁ ୨.୧୨ କୋଟି ଟଙ୍କାରେ ୩୫ଟି ପ୍ରକଳ୍ପ ପାଇଁ ଟେଣ୍ଡର କରାଯାଇଛି। ସୋମବାର ମଧାହ୍ନ ରେ ପୌରପାଳିକା କାର୍ଯ୍ୟାଳୟ ଅଧକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ଚେମ୍ବରରେ ଏହି ଟେଣ୍ଡର ପ୍ରକ୍ରିୟାକୁ ନେଇ ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଏବଂ ୨୦ ନମ୍ବର ଓ୍ୱାର୍ଡ କାଉନସିଲର ଅନିଲ ରାମ ମୁହାଁମୁହିଁ ହୋଇଥିଲେ। ଏକପାଖିଆ ଭାବେ କିଛି ଜଣ ୱାର୍ଡ କାଉନସିଲରଙ୍କୁ ଅଧିକ ଅନୁକମ୍ପା ଦେଖାଇ ପୌରାଧକ୍ଷା, ଉପାଧକ୍ଷ ଏବଂ କେତେଜଣ କାଉନସିଲର ମିଳିତ ଭାବେ ଏହି ଟେଣ୍ଡର ପ୍ରସ୍ତୁତ କରାଯାଇଛି ଅନିଲ ଅଭିଯୋଗ କରିଥିଲେ ବୋଲି ଉପାଧକ୍ଷ ମହାନ୍ତି ଗଣମାଧମକୁ କହିଛନ୍ତି ଓ ଏଥରେ କ୍ଷୁବ୍ଧ ହୋଇ ସେ ସେଠାରୁ ଚାଲି ଆସିଥିଲେ ବୋଲି ଗଣମାଧମକୁ ଜଣାଇଛନ୍ତି। ଖୋର୍ଦ୍ଧା ପୌର ପାଳିକାରେ ନୂତନ ଭାବେ ଯୋଗଦାନ କରିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କାବେରୀ ମୁଦୁଲିଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ପୌରାଧକ୍ଷାଙ୍କ ଚେମ୍ବରରେ ର ଉପାଧ୍ୟକ୍ଷ ମହାନ୍ତିଙ୍କ ସମେତ ଏକାଧିକ କାଉନସିଲର ଆଜି ଉପସ୍ଥିତ ଥିଲେ। ଉପାଧକ୍ଷ ମହାନ୍ତି କହିଲେ ଏହି ସମୟରେ ଟେଣ୍ଡର ପ୍ରକ୍ରିୟାକୁ ନେଇ ଅନିଲ ହଠାତ୍ ଅସନ୍ତୋଷ ପ୍ରକାଶ କରି ମୋତେ ଚାର୍ଜ କରିଥିଲେ। ପୌରାଧକ୍ଷା ଏବଂ ଅନ୍ୟ କାଉନସିଲର ମାନଙ୍କ ଉପସ୍ଥିତିରେ ସେ ମୋତେ କହୁଥବା ବେଳେ ପୌରାଧକ୍ଷାଙ୍କ ନୀରବତାକୁ ନେଇ ମୁ ଅସନ୍ତୋଷ ପ୍ରକାଶ କରି ସେଠାରୁ ଚାଲି ଆସିଥିଲି ବୋଲି କହିଛନ୍ତି। ପୂର୍ବରୁ ୧୨ ନମ୍ବର ୱାର୍ଡରେ ସେଭଳି କୌଣସି ଆଖିଦୃଶିଆ କାମ କରାଯାଇନାହିଁ। ଏହି ଓ୍ୱାର୍ଡରେ ରାସ୍ତା ଏବଂ ଡ୍ରେନ ମରାମତି ଜରୁରୀ ହୋଇପଡିଛି। ଏହି ଦୃଷ୍ଟିରୁ ମୁଁ ପୂର୍ବରୁ ମଧ ଦାବି ଉପସ୍ଥାପନ କରି ଆସିଛି। ଏବେ ତାହା ୨୦୨୬ରେ କାର୍ଯ୍ୟକାରୀ କରାଯାଇଛି। ତେବେ ଟେଣ୍ଡର ପ୍ରକ୍ରିୟାକୁ ନେଇ ଉପାଧକ୍ଷ ମହାନ୍ତିଙ୍କୁ ଆକ୍ଷେପ କରିବା ନେଇ ଆଣିଥିବା ଅଭିଯୋଗକୁ ଅନିଲ ରାମ ଖଣ୍ଡନ କରିଛନ୍ତି। କୌଣସି କାରଣକୁ ନେଇ ସେ ହଠାତ୍ ଚାମ୍ବରରୁ ଚାଲି ଯାଇଥିଲେ ବୋଲି କହିଛନ୍ତି।

# ନାଇଜରରୁ ପିଏଚ୍‌ଡି ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଜଟଣୀ, ୨୫।୫ (ସମିସ): ଜଟଣୀର ନାଇଜର ଗବେଷଣା କେନ୍ଦ୍ର ଛାତ୍ରୀ କ୍ୟାମ୍ପସରୁ ଜଣେ ପିଏଚଡ଼ି ଛାତ୍ରୀଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ପ୍ରତିଦିନ ଭଳି ଗତ କାଲି ରାତିରେ ହଷ୍ଟେଲରେ ଶୋଇବାକୁ ଯାଇଥିଲେ। ହେଲେ ସକାଳୁ ଆଉ ଉଠି ନଥିଲେ। ତାଙ୍କ ସହିତ ରହୁଥିବା ସହପାଠୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଅନ୍ୟପଟେ ଏହା ଛାତ୍ରୀ ଙ୍କର ସନ୍ଦେହ ଜଣକ ମୃତ୍ୟୁ ବୋଲି କୁହାଯାଉଥିବା ବେଳେ ତାଙ୍କ ପରିବାର ଲୋକମାନଙ୍କୁ ଜଣାଇ ପୁଲିସକୁ ମଧ ଅବଗତ କରାଯାଇଛି। ମୃତ ଛାତ୍ରୀ ଜଣକ ଉତ୍ତର ପ୍ରଦେଶ ରାଜ୍ୟର ଶ୍ରେୟା ସିଂ ଓ ସେ ପି ଏଚ ଡ଼ି ର ପ୍ରଥମ ବର୍ଷର ଛାତ୍ରୀ। ଆସନ୍ତାକାଲି ତାଙ୍କ ପରିବାର ଲୋକେ ଆସିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# ଗୋରୁ ବୋଝେଇ ସ୍କର୍ପିଓ ଜବତ, ୩ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୨୫।୫(ସମିସ): ଶିଳ୍ପାଞ୍ଚଳ ଥାନା ପୁଲିସ ୧୬ନଂ ଜାତୀୟ ରାଜପଥ ର ପିତାପଲ୍ଲୀ ଛକ ନିକଟରୁ ଏକ ନମ୍ବର ବିହୀନ ଗୋରୁ ବୋଝେଇ ସ୍କର୍ପିଓକୁ ଜବତ୍ କରିଛି। ଗାଡି ଭିତରୁ ପୁଲିସ ୩ଟି ଗୋରୁଙ୍କୁ ଉଦ୍ଧାର କରିଛି। ଗତକାଲି ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ସେମାନଙ୍କୁ ଦେଖି ଭୁବନେଶ୍ୱର ଦିଗରୁ ବେଣାପଞ୍ଜୁରୀ ଅଭିମୁଖେ ଆସୁଥିବା ଏକ ନମ୍ବର ବିହୀନ ସ୍କର୍ପିଓକୁ ପିତାପଲ୍ଲୀ ଛକ ନିକଟରେ ଛାଡି ଗାଡିରେ ଥିବା ମାଫିଆ ଓ ଡ୍ରାଇଭର କୌଶଳକ୍ରମେ ସେଠାରୁ ପଳାଇଥିଲେ। ଯାହାକୁ ଦେଖି ପୁଲିସ ର ସନ୍ଦେହ ହେବାରୁ ପୁଲିସ ଗାଡି ଯାଂଚ କରିଥିଲା। ଯାଂଚବେଳେ ଗାଡିରେ ଅମାନୁଷିକ ଭାବେ ଗୋରୁ ବନ୍ଧା ହୋଇଥିବା ଦେଖିଥିଲା। ଗାଡିକୁ ଥାନାକୁ ଆଣି ସେଥିରୁ ୩ଗୋରୁଙ୍କୁ ପୁଲିସ ଉଦ୍ଧାର କରିଛି। ଉଦ୍ଧାର ଗୋରୁଙ୍କୁ ପୁଲିସ ସ୍ଥାନୀୟ ଗୋସାଳାରେ ଛାଡିଥିବା ଜଣାଯାଇଛି। ଏନେଇ ପୁଲିସ ୧୪୮/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

# ଶ୍ରମିକ କଂଗ୍ରେସର ନୂତନ ଶାଖା ଡିଆର୍‌ଏମ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ



ଜଟଣୀ, ୨୫।୫ (ସମିସ): ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ ମଣ୍ଡଳ ଅନ୍ତର୍ଗତ ଅନୁଗୁଳଠାରେ ନୂତନ ଭାବେ ଷୋହଳ ତମ ଶାଖା କାର୍ଯ୍ୟାଳୟ ମୁଖ୍ୟ ଅତିଥି ଡିଆରଏମ ଡ଼ି ସୁନୀଲଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ଙ୍କ ସଂଯୋଜନା ରେ ଆୟୋଜିତ ସଭାରେ ଆର ଆର ଧଳ ବିଶୋଇ ସଭାପତିତ୍ୱ କରିଥିବା ବେଳେ ଶାଖା ସମ୍ପାଦକ ଶେଖ ଜଲାଲୁଦ୍ଧୀନ ସମ୍ପାଦକୀୟ ପାଠ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ଶାଖା ଇନଚାର୍ଜ ଏ ଶ୍ରୀନିବାସ, ମଣ୍ଡଳ ବରିଷ୍ଠ ଯନ୍ତ୍ରୀ (କୋ) ପଙ୍କଜ କୁମାର ନାଗୱାନୀ, କାର୍ମିକ ଅଧିକାରୀ ପ୍ରମୋଦ ବେହେରା , ବରିଷ୍ଠ ସିଗନାଲ ଓ ଟେଲି ଇଂଜିନିୟର ଭୂପେଶ କୁମାର, ବରିଷ୍ଠ ବିଦ୍ୟୁତ ଯନ୍ତ୍ରୀ ଏସ କେ ରାଉତ, ବରିଷ୍ଠ ଡିଇଇ (ଟିଆରଏସ) ଅନୁଗୁଳ ଦୀପଙ୍କର ସରକାର, ବରିଷ୍ଠ ଇଞ୍ଜିନିଅର (କେନ୍ଦ୍ରୀୟ ) ଅବଦେଶ କୁମାର ଜୈଶ୍ୟ ଯୋଗଦେଇଥିଲେ। ଅନୁଗୁଳ ରେଳ କଲୋନୀ ରେ କର୍ମଚାରୀଙ୍କ ରହଣି ନିମନ୍ତେ ଆବଶ୍ୟକତା ଅନୁଯାଇ ନୂତନ ବାସ ଗୃହ ନିର୍ମାଣ, ଭୂତଳ ଜଳ ଅଭାବ କାରଣରୁ ଅନୁଗୁଳ ମୁନିସିପାଲିଟି ଜଳଯୋଗାଣ ପାଇପ ଲାଇନ ରୁ ସଂଯୋଗ କରି ବିଶୁଦ୍ଧ ପାନୀୟଜଳ ଯୋଗାଣ , ଅନୁଗୁଳ ଷ୍ଟେସନ ରୁ ଲୋକ ସେଡ଼ ପର୍ଯ୍ୟନ୍ତ ପାଦଚଲା ପୋଲ , ଲୋକୋ ଶେଡ଼ କର୍ମଚାରୀଙ୍କ ଅଧିକ କାମ ପାଇଁ ଓଟୀ ଭତ୍ତା ଲାଗୁକରିବା ସହ ଆବଶ୍ୟକ କର୍ମଚାରୀ ସମୀକ୍ଷା କରି ଖାଲି ପଦବୀ ଯଥାଶୀଘ୍ର ପୂରଣ କରିବାକୁ ଜେନେରାଲ ସେକ୍ରେଟାରୀ ଶ୍ରୀ ସାହୁ ଦାବି ରଖିଥିଲେ। ଡିଆରଏମ ଶ୍ରୀ ସୁନୀଲ ଏହି ମୌଳିକ ଦାବି ଯଥାଶୀଘ୍ର ପୂରଣ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିବା ମିଡିଆ ସେଲ ମୁଖ୍ୟ ଏଲ ଡ଼ି ମହାନ୍ତି ସୂଚନା ଦେଇଛନ୍ତି।

# ନିରାକାରପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



ନିରାକାରପୁର,୨୫।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଗ୍ରାମପଞ୍ଚାୟତରେ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ 'ପଲ୍ଲୀରେ ପ୍ରଶାସନ' ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ମୋଟ ୪ଟି ଗୁହାରି ପତ୍ର ଗ୍ରହଣ କରାଯାଇଥିବା ବେଳେ, ତତ୍କାଳ ସେଗୁଡ଼ିକର ସମାଧାନ କରାଯାଇଛି। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଭିନ୍ନ ଭତ୍ତା ପାଇଁ ଆସିଥିବା ୫ଟି ଆବେଦନ ପତ୍ରର ତୁରନ୍ତ ଫଇସଲା କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ପେନସନ୍ ମଞ୍ଜୁର କରାଯାଇଛି। ଶିବିରରେ ଗୃହପାଳିତ ପଶୁମାନଙ୍କ ପାଇଁ ମାଗଣା ଔଷଧ ଓ ପ୍ରତିଷେଧକ ଟିକାକରଣ ବ୍ୟବସ୍ଥା କରାଯାଇଥିଲା। ଶିବିରରେ ମହିଳା ଓ ଶିଶୁ ବିକାଶ ବିଭାଗର 'ସୁଭଦ୍ରା ଯୋଜନା'ରେ ଜଣେ ମହିଳା ଆବେଦନ କରି ସୁଫଳ ପାଇଛନ୍ତି। ମହିଳା ସଦସ୍ୟାମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୨୫ ଜଣ ସଦସ୍ୟାଙ୍କ ନାମ ପଞ୍ଜୀକରଣ କରାଯାଇଛି। ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗ ପକ୍ଷରୁ ନୂତନ ରାସନ କାର୍ଡ ଓ ନାମ ସଂଯୋଗ ପାଇଁ ୭ଟି ଆବେଦନ ମିଳିଥିବା ବେଳେ ସେଥିରୁ ୪ଟି କାର୍ଯ୍ୟ ତୁରନ୍ତ ଶେଷ ହୋଇଛି ଏବଂ ବାକି ୩ଟି ଯାଞ୍ଚ ପ୍ରକ୍ରିୟାରେ ରହିଛି। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଏବିଡ଼ିଓ ରଞ୍ଜନ ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ବିରଞ୍ଚି ନାରାୟଣ ଜେନା, ଜିପିଡିଓ ସଂକଳ୍ପ ସୁଚିତ୍ରା ସାହୁ, ଭାରପ୍ରାପ୍ତ ବିଏସଏସଓ ଚନ୍ଦନ ନାୟକ , ବିପିଏମ୍ ପ୍ରକାଶ ବଳିଆରସିଂହ ଓ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଜୋତ୍ସ୍ନାମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଷ୍ଣୁଡିହରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ




ବାଣପୁର,୨୫।୫(ସମିସ) : ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ପଞ୍ଚାୟତରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ତଥା ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ବିଷ୍ଣୁଡିହ ପଞ୍ଚାୟତ ଅଧିନ ଖଣତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟ ସରକାରଙ୍କ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୪୪ ଗୋଟି ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ତନ୍ମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଓ ୮ଟି ସାମୁହିକ ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୨ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିବା ବେଳେ ଉକ୍ତ ଶିବିରରେ ଚିକିତ୍ସା ସହାୟତା ପାଇଁ ବିଷ୍ଣୁଡିହ ଗ୍ରାମର ଜଣେ ଅଭିଯୋଗକାରିଣୀ ସୁଚିତ୍ରା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗ ପତ୍ରକୁ ବିଭାଗୀୟ ଅଧିକାରୀ ମାନଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସେଗୁଡିକୁ ଯଥାଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଶିବିରରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ, ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ବନଖଣ୍ଡ ଅଧିକାରୀ ବାଲୁଗାଁ, ଜିଲ୍ଲା ପରିଷଦ ଉପାଧକ୍ଷ ଗୋପିନାଥ ମହାରଣା, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର, ତହସିଲଦାର କାହ୍ନୁଚରଣ ଘଡେଇ, ଆସିଷ୍ଟାଣ୍ଟ କଲେକ୍ଟର ଅଭିଯୋଗ, ଭୁବନେଶ୍ୱର କଅଁରଙ୍କ ସମେତ ସ୍ୱାସ୍ଥ୍ୟ, ମତ୍ସ୍ୟ, ପଶୁ ପାଳନ, ଖାଦ୍ୟ ସୁରକ୍ଷା, ଶିକ୍ଷା, ରାଜସ୍ୱ, କୃଷି, ପାନୀୟ ଜଳ ଓ ପରିମଳ ଆଦି ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ପରେ ସମସ୍ତ ଅଧିକାରୀ ମାନେ ଖୋଲାଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ।

# ପରଲୋକରେ ନାଟ୍ୟଗୁରୁ କାମଦେବ ବେହେରା



ନିରାକାରପୁର,୨୫।୫ (ସମିସ): ଗୋଳବାଇଶାସନ ଗ୍ରାମର ବର୍ଷିଆନ କଳାକାର ତଥା ନାଟ୍ୟ ନିର୍ଦ୍ଦେଶକ କାମଦେବ ବେହେରାଙ୍କ ଗତ ରବିବାର ସକାଳେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ଗୁରୁ କାମଦେବ ବେହେରା କିଶୋର ଅବସ୍ଥାରେ ବିଭିନ୍ନ ଚରିତ୍ରରେ ନିଜର ନିପୁଣ ଅଭିନୟ ପ୍ରଦର୍ଶନ କରି ଦର୍ଶକ ସମାଜକୁ ମୁଗ୍ଧ କରିବା ସହ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଥିଲେ। କ୍ରମେ କଳାକାର ଜୀବନର ସାଙ୍ଗଠନିକ ଦକ୍ଷତାକୁ ପ୍ରମାଣିତ କରିବାକୁ ଯାଇ ନିଜ ଗ୍ରାମ ଗୋଳବାଇରେ ଭାରତଲୀଳା ଭଳି ଏକ ଲୋକପ୍ରିୟ ଲୋକକଳା ଅନୁଷ୍ଠାନ ଗଠନ କରି ଖୋର୍ଦ୍ଧା, ପୁରୀ, ନୟାଗଡ, କଟକ , ଗଞ୍ଜାମ ପ୍ରଭୃତି ଜିଲ୍ଲାରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କଳା ପରିବେଷଣ କରିଛନ୍ତି। ତାଙ୍କର ଦେହାନ୍ତରେ ଗୋଳବାଇ ଗ୍ରାମପଞ୍ଚାୟତ ସହିତ ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନାଟ୍ୟଗୁରୁ ସ୍ୱର୍ଗତ କାମଦେବ ବେହେରାଙ୍କ ମରଶରୀରର ଅନ୍ତିମ ସଂସ୍କାର ସମୟରେ ତାଙ୍କର ଚାରିପୁତ୍ର ରମାକାନ୍ତ , ସୁକାନ୍ତ , ସୂର୍ଯ୍ୟକାନ୍ତ ଓ ଚନ୍ଦ୍ରକାନ୍ତଙ୍କ ସହିତ ବିଭିନ୍ନ ବର୍ଗର କଳାକାର, ବନ୍ଧୁବାନ୍ଧବ ତଥା ଗ୍ରାମବାସୀ ଉପସ୍ଥିତ ଥିବାସ୍ଥଳେ ବଡ଼ପୁତ୍ର ରମାକାନ୍ତ ମୁଖାଗ୍ନି ପ୍ରଦାନ କରିଥିଲେ।

# ୧୯୮୦ ମାଟ୍ରିକ ବ୍ୟାଚ୍ ବନ୍ଧୁ ସମାବେଶ



ବେଗୁନିଆ,୨୫।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୦ ମସିହା ମାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ବିଭୁପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ଶରତ କୁମାର ଖଟୁଆଙ୍କ ନେତୃତ୍ୱରେ ରବୀନ୍ଦ୍ର ନାଥ ପଣ୍ଡା, ବଳଭଦ୍ର ପଣ୍ଡା, ଦୀନବନ୍ଧୁ କର, ଭାବଗ୍ରାହୀ ପାଣିଗ୍ରାହୀ, ଧରମୁ ସାହୁ, ଧରଣୀ ଧର ନାୟକ, ବିପିନ ସେଠୀ, ବେଣୁଧର ପଣ୍ଡା ଓ ରତ୍ନାକର ମହାପାତ୍ରଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ରହି ବିଗତ ଦିନର ଅଙ୍ଗେ ନିଭାଇଥିବା ସ୍ମୃତିକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥିଲେ।

# ମୁକୁନ୍ଦ ପ୍ରସାଦ ପ୍ରିମିୟର ଲିଗ୍: ଜାଗୃତି ଇଲେଭେନ୍ ଚାମ୍ପିଅନ

ଖୋର୍ଦ୍ଧା,୨୫।୫(ସମିସ): ସ୍ଥାନୀୟ ମୁକୁନ୍ଦ ପ୍ରସାଦ ନିକଟ ଗୋଶାଳା ପଡିଆରେ ଦୁଇଦିନ ଧରି ଚାଲିଥିବା ରାତ୍ରି କାଳୀନ ଏମ୍.ପି.ଏଲ. କ୍ରିକେଟ ମ୍ୟାଚ ଉଦଯାପିତ ହୋଇଛି। ମୋଦି ଇଲେଭେନ, ଜୟ ବାଲାଜୀ, ପ୍ରିୟାଂଶୁ ୱାରୀୟର, ପାଇକ ଇଲେଭେନ, ଜାଗୃତି ଫାଇଟର, ବଜରଙ୍ଗୀ ଇଲେଭେନ ପ୍ରମୁଖ ୬ଟି ଦଳକୁ ନେଇ ମୁକୁନ୍ଦ ପ୍ରସାଦ ପ୍ରିମିୟର ଲିଗ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଥିଲା। ଫାଇନାଲରେ ମୋଦି ଇଲେଭେନ ଏବଂ ଜାଗୃତି ଫାଇଟର ପରସ୍ପରକୁ ଭେଟିଥିଲେ। ମୋଦି ଇଲେଭେନ ଟସ ଜିତି ଫିଲିଡିଂ ନିଷ୍ପତି ନେଇଥିଲେ। ଜାଗୃତି ଇଲେଭେନ ର ଓପନର ତଥା ଅଧିନାୟକ ସୂର୍ଯ୍ୟକାନ୍ତ ଏବଂ ଗୋପୀ ପ୍ରଥମରୁ ଧୂଆଁଧାର ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭର ରେ ଦୁଇ ୱିକେଟ ହରାଇ ୧୨୧ ରନ୍ କରିଥିଲେ। ଜବାବରେ ନିର୍ଦ୍ଧାରିତ ଓଭର ରେ ମୋଦି ଇଲେଭେନ ୪ୱିକେଟ ହରାଇ ୯୩ରନ କରିଥିଲେ। ୨୮ ରନ୍ ରେ ଜାଗୃତି ଇଲେଭେନ ମୋଦି ଇଲେଭେନ କୁ ହରାଇ ଚମ୍ପିୟାନ ହୋଇଥିଲା। ଅତିଥିଭାବେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ ଜଗଦ୍ଦେବ ଓ ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୋଦି ଇଲେଭେନର ସଭାପତି କବିର ବେହେରା ବିଜେତା ଦଳ କୁ ଟ୍ରଫି ସହ ୧୬ ହଜାର ଟଙ୍କା ଚେକ୍ ଏବଂ ଉପ ବିଜେତା ମୋଦି ଇଲେଭେନ ଦଳ କୁ ୧୪ ହଜାର ଟଙ୍କା ଚେକ୍ ପ୍ରଦାନ କରିଥିଲେ।



